ଧରିତ୍ରୀ
DHARITRI
ରାୟଗଡ଼ା, ରବିବାର, ୩ ନଭେମ୍ବର, ୨୦୧୯



ଅନ୍ୟମାନଙ୍କ ଭଲକାମ ଦେଖି ପ୍ରଶଂସା କଲେ, ଆମ ନିଜ ମନର ଉନ୍ନତି ହୁଏ।
-ଭଲଟାୟାର



## ସଂକ୍ଷେପରେ

### ଓକିଲଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ପ୍ରତ୍ୟାହୃତ

ଗୁଣପୁର,୨।୧୧(ଡି.ଏନ.ଏ): ଅବିଭକ୍ତ କୋରାପୁଟ ଜିଲାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ଚାଲୁ ରହିଥିବା ଆନ୍ଦୋଳନ ଶନିବାର ପ୍ରତ୍ୟାହୃତ ହୋଇଛି। ରାୟଗଡା ଜିଲା ଗୁଣପୁର ଓକିଲ ସଂଘର ଏକ ଜରୁରୀ ବୈଠକ ହେବା ପରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି । ସଂଘ ସଭାପତି ଫଣି ଭୂଷଣ ପଟ୍ଟନାୟକଙ୍କ ସମେତ ସମସ୍ତ ଓକିଲ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ, ଦୀର୍ଘ ୮ମାସରୁ ଉର୍ଦ୍ଧ୍ୱ ହେବ ଓକିଲମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିଲେ । ଫଳରେ କୋର୍ଟ କାର୍ଯ୍ୟ ବାଧାପ୍ରାପ୍ତ ହେବାସହ ମହକିଲମାନଙ୍କୁ ନାନା ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥିଲା ।

### ଅଶ୍ଳୀଳ ଫଟୋ ଭାଇରାଲ କରି ଯୁବକ ଗିରଫ

ବିଷମକଟକ,୨।୧୧: ସୋସିଆଲ ମିଡ଼ିଆରେ ଅଶ୍ଳୀଳ ଫଟୋ ଭାଇରାଲ କରିବା ଘଟଣାରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି । ସେ ହେଲେ ବିଷମକଟକ ଥାନା ଅନ୍ତର୍ଗତ ପାଟବନ୍ଧ ଗ୍ରାମର ବୁଡୁ ସାରକା। ବୁଡୁ ନିଜର ଫଟୋ ସହ ଉକ୍ତ ଅଞ୍ଚଳର ଜଣେ ଯୁବତୀଙ୍କ ଫଟୋକୁ ଏଡିଟିଂ କରି ତାଙ୍କ ସାଙ୍ଗ ସାଥୀଙ୍କ ମୋବାଇଲକୁ ପଠାଇଥିଲେ। କିଛି ଦିନ ଧରି ଉକ୍ତ ଫଟୋ ସୋସିଆଲ ମିଡ଼ିଆରେ ଘୁରି ବୁଲିବା ପରେ ଯୁବତୀଙ୍କ ପରିବାର ଲୋକେ ଜାଣିବାକୁ ପାଇଥିଲେ । ପରେ ଯୁବତୀଙ୍କ ମା' ବିଷମକଟକ ଥାନାରେ ସମ୍ପୃକ୍ତ ଯୁବକ ନାମରେ ଅଭିଯୋଗ କରିଥିଲେ । ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇ ବୁଡୁଙ୍କୁ ଗିରଫ କରିଛି ।

### ପହଞ୍ଚିଲାନି ପ୍ରଶ୍ନପତ୍ର ଘରୋଇ ପ୍ରେସ୍‌ରେ ଛପାଗଲା

ଜୟପୁର,୨।୧୧(ଡି.ଏନ୍.ଏ.): ରାଜ୍ୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ଗତ ୧ରୁ ୬ ତାରିଖ ପର୍ଯ୍ୟନ୍ତ ଷାଣ୍ମାସିକ ପରୀକ୍ଷା ଆରମ୍ଭ ହୋଇଛି । କିନ୍ତୁ ଆବଶ୍ୟକ ଅନୁଯାୟୀ ପ୍ରଶ୍ନପତ୍ର ପହଞ୍ଚି ନ ଥିବାବେଳେ ସପ୍ତମ ଶ୍ରେଣୀର ହିନ୍ଦୀ ପ୍ରଶ୍ନପତ୍ର ମଧ ପହଞ୍ଚି ପାରିନାହିଁ। ଫଳରେ ଶୁକ୍ରବାର ଜୟପୁର ସହରର ଏମ୍.ଜି. ରୋଡସ୍ଥିତ ଏକ ଘରୋଇ ପ୍ରିଣ୍ଟିଂ ପ୍ରେସରେ ହିନ୍ଦୀ ପ୍ରଶ୍ନପତ୍ର ବିଳମ୍ବିତ ରାତି ପର୍ଯ୍ୟନ୍ତ ଛପାଯାଇଥିଲା। ବିଭିନ୍ନ ବ୍ଲକରୁ ଶିକ୍ଷକମାନେ ପ୍ରଶ୍ନପତ୍ର ନେଇ ବିଦ୍ୟାଳୟକୁ ଯିବା ପାଇଁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଅପେକ୍ଷା କରି ରହିଥିଲେ। ସେହିପରି ଜିଲାର ସମସ୍ତ ସରକାରୀ ବିଦ୍ୟାଳୟର ୨୨ ହଜାର ୩୭୮ ଜଣ ଛାତ୍ରୀଛାତ୍ରଙ୍କ ପାଇଁ ମାତ୍ର ୯୦ ପ୍ରତିଶତ ପ୍ରଶ୍ନପତ୍ର ପହଞ୍ଚି ଥିବାବେଳେ ବାକି ପହଞ୍ଚି ନ ଥିବା ଯୋଗୁ ପ୍ରଶ୍ନପତ୍ର ଜେରକ୍ସ କରିବା କିମ୍ବା କଳାପଟାରେ ଲେଖିବା ପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ପ୍ରଶ୍ନପତ୍ର ଛାପିବା ବେଳେ ସର୍ବଶିକ୍ଷା ଅଭିଯାନର ଜନୈକ କୋର୍ଡିନେଟର ବିଳମ୍ବିତ ରାତି ପର୍ଯ୍ୟନ୍ତ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରଶ୍ନପତ୍ରରେ ଏଭଳି ଅବ୍ୟବସ୍ଥା ନେଇ ଶିକ୍ଷକ, ଅଭିଭାବକ ଓ ସାଧାରଣରେ ଅସନ୍ତୋଷ ଦେଖାଦେଇଛି।

# ଛଟ୍‌ରେ ସୂର୍ଯ୍ୟଙ୍କୁ ଅର୍ଘ୍ୟ

ଜୟପୁର,୨।୧୧(ଡି.ଏନ୍.ଏ.)

ପରିବାର ଓ ସ୍ୱାମୀଙ୍କ ମଙ୍ଗଳ କାମନା ପାଇଁ କାର୍ତ୍ତିକ ମାସ ଶୁକ୍ଳଷଷ୍ଠୀ ଅବସରରେ ଶନିବାର ସ୍ଥାନୀୟ ଜଗନ୍ନାଥ ସାଗର ତେନ୍ତୁଳି ପାହାଚରେ ହିନ୍ଦୀ ଭାଷାଭାଷୀ ମହିଳାମାନେ ଛଟ୍‌ପୂଜା ପାଳିଛନ୍ତି। ଶୁକ୍ରବାର ସାଗରର ଜଳରାଶିରେ ଅଣ୍ଟା ପର୍ଯ୍ୟନ୍ତ ବୁଡ଼ି ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେବା ସହ ସାରା ଦିନ ଉପବାସ ଓ ରାତିରେ ମହିଳା ଓ ପୁରୁଷମାନେ ଭଜନ କୀର୍ତ୍ତନ କରିଥିଲେ। ପରଦିନ ରବିବାର ଉଦିତ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରିବା ସହ ସେମାନେ ପୂଜାର୍ଚ୍ଚନା କରିଥିଲେ। ଏହାପରେ ବ୍ରତ ଭାଙ୍ଗି ଖାଦ୍ୟ ଗ୍ରହଣ କରିଥିଲେ। ଏଥିରେ ପୁରୁଷମାନେ ମଧ ସେମାନଙ୍କ ପତ୍ନୀର ସହାୟତା କରନ୍ତି ଓ ଉପବାସ ରହିଥାଆନ୍ତି। ଜୟପୁର ସହରରେ ୫ଶହରୁ ଉର୍ଦ୍ଧ୍ୱ ହିନ୍ଦୀ ଭାଷାଭାଷୀ ରହୁଛନ୍ତି। ଜଗନ୍ନାଥ ସାଗର ତୁଠରେ ୪ ଶହରୁ ଉର୍ଦ୍ଧ୍ୱ ହିନ୍ଦୀ ଭାଷାଭାଷୀ ମହିଳା ଓ ପୁରୁଷ ଏହି ବ୍ରତ ପାଳିଥିଲେ। ପୂଜାସ୍ଥଳୀ ନିକଟରେ ଆଲୋକସଜା, ଆତସବାଜି କରାଯାଇଥିଲା। ତେବେ ଜଗନ୍ନାଥ ସାଗରର ତେନ୍ତୁଳିପାହାଚ ନିକଟରେ ଆବଶ୍ୟକ ଜାଗାର ଅଭାବ ଯୋଗୁ ଅନ୍ୟ ପରିବାର ଲୋକେ ସତୀନଦୀ, କେନାଲରେ ଏହି ପୂଜା ପାଳିଥିଲେ ବୋଲି ଆୟୋଜକ ମୁକେଶ ଶର୍ମା, ଶ୍ରବଣ ଝା, ଏସ୍.ଏଲ୍. ତିୱାରୀ କହିଛନ୍ତି।



ଜଗନ୍ନାଥ ସାଗର ତେନ୍ତୁଳି ପାହାଚରେ ହିନ୍ଦୀ ଭାଷାଭାଷୀ ମହିଳାମାନେ ଶନିବାର ସୂର୍ଯ୍ୟ ଦେବତାଙ୍କୁ ଅର୍ଘ ଦେବା ସହ ଛଟ୍ ପୂଜା କରୁଛନ୍ତି ।

# ମାଓବାଦୀ ଦମନ ପାଇଁ ଫୋକସ୍‌ରେ ୨ ଜିଲା

କୋରାପୁଟ,୨।୧୧(ସ୍ୱ.ପ୍ର.)

ଓଡ଼ିଶା ପୋଲିସ ସହ ବିଏସ୍ଏଫ୍, ସିଆରପିଏଫ୍, କୋବ୍ରା ବାଟାଲିୟନ ସମନ୍ୱୟ ରଖି ମାଓବାଦୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ମାଓବାଦୀ ଦମନ ପାଇଁ ଦକ୍ଷିଣ ପଶ୍ଚିମାଞ୍ଚଳ ରେଞ୍ଜ ଅଧୀନ କୋରାପୁଟ ଓ ମାଲକାନଗିରି ଜିଲା ଉପରେ ପୋଲିସର ବିଶେଷ ଫୋକସ ରହିବ। କୋରାପୁଟସ୍ଥିତ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି କାର୍ଯ୍ୟାଳୟରେ ଶନିବାର ସନ୍ଧ୍ୟାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ବିଜୟ କୁମାର ଶର୍ମା ଏହା କହିଛନ୍ତି।

ଶନିବାର ଡିଜିପି ଶର୍ମା ଦିନିକିଆ ଅବିଭକ୍ତ କୋରାପୁଟ ଜିଲା ଗସ୍ତରେ ଆସି ମାଲକାନଗିରିର ସ୍ୱାଭିମାନ ଅଞ୍ଚଳ ସମେତ କୋରାପୁଟ ଜିଲାର ବିଭିନ୍ନ ଅଞ୍ଚଳ ହେଲିକପ୍ଟରରୁ ଅନୁଧ୍ୟାନ କରିଛନ୍ତି। ଏହାପରେ ସେ କୋରାପୁଟ ଡିଆଇଜି କାର୍ଯ୍ୟାଳୟରେ ଆୟୋଜିତ ବୈଠକରେ ମାଓବାଦୀ ସ୍ଥିତିର ସମୀକ୍ଷା କରିଛନ୍ତି। ରାଜ୍ୟର ଅନ୍ୟ ଜିଲାରେ ମାଓବାଦୀ କାର୍ଯ୍ୟକଳାପ ଶତପ୍ରତିଶତ ହ୍ରାସ କରିବାରେ ପୋଲିସ ସଫଳ ହୋଇଛି। କିନ୍ତୁ କୋରାପୁଟ ଓ ମାଲକାନଗିରି ଜିଲାର ବିଚ୍ଛିନ୍ନାଞ୍ଚଳରେ ମାଓବାଦୀଙ୍କ ଗତିବିଧି ରହିଥିବା ସେ ସ୍ୱୀକାର କରିଥିଲେ। ଏହିସବୁ ଅଞ୍ଚଳରେ ପୋଲିସ ଅନ୍ୟ ସୁରକ୍ଷା ବଳ ଓ ସାଧାରଣ ପ୍ରଶାସନ ସହ ସମନ୍ୱୟ ରଖିବା ଜରୁରୀ। ଗମନାଗମନରେ ଉନ୍ନତି ପାଇଁ ବିଭିନ୍ନ ସ୍ଥାନରେ ନୂତନ ପୋଲ ନିର୍ମାଣ କରିବାକୁ ସ୍ଥାନ ଚିହ୍ନଟ କରାଯାଇଥିବା ବେଳେ ମାସକ ଭିତରେ ସେଠାକୁ ରାସ୍ତକାମ କରିବା ଲକ୍ଷ୍ୟ ରଖାଯାଇଛି ବୋଲି ସେ କହିଥିଲେ। ଏହି ଅଚଂଳରେ ଯୋଗାଯୋଗ ବ୍ୟବସ୍ଥାରେ ଉନ୍ନତି ଅଣାଯିବା ସହ ପୋଲିସର କାର୍ଯ୍ୟଦକ୍ଷତା ବୃଦ୍ଧି ଓ ଆବଶ୍ୟକ ଭିତ୍ତିଭୂମିର ବିକାଶ ପାଇଁ ପଦକ୍ଷେପ ଆରମ୍ଭ ହୋଇଛି। 'ମୋ ସରକାର' ଓ ୫-ଟି ଯୋଜନା ମାଧ୍ୟମରେ କାର୍ଯ୍ୟ, ଜନସାଧାରଣଙ୍କ ମଧ୍ୟରେ ଶାନ୍ତି ବଜାୟ ରଖିବା ସହ ସେମାନଙ୍କ ଆସ୍ଥାଭାଜନ ହେବାକୁ ବୈଠକରେ ପରାମର୍ଶ ଦେଇଥିଲେ ଡିଜିପି ଶର୍ମା। ଏଠାରେ ଖାଲି ଥିବା ପଦବୀ ପୂରଣ ସହ ଅବିଭକ୍ତ କୋରାପୁଟ ଜିଲାରେ ସାଇବର କ୍ରାଇମ ରୋକିବାକୁ ଜୟପୁରରେ ସାଇବର ଥାନା କରାଯିବା ପାଇଁ ନିଷ୍ପତ୍ତି ହୋଇଥିବା ସେ ସୂଚନା ଦେଇଥିଲେ। କୋରାପୁଟ ଓ ମାଲକାନଗିରିରେ ବ୍ୟାପକ ଗଞ୍ଜେଇ ଚାଷକୁ ରୋକିବା ପାଇଁ ଚେଷ୍ଟା ଚାଲିଥିବା ସେ କହିଛନ୍ତି। ବୈଠକରେ ଏଡିଜି (ଆଇନ ଶୃଙ୍ଖଳା) ଆର୍.ପି. କୋଚେ, ଆଇଜି ଅପରେଶନ ଅମିତାଭ ଠାକୁର, ଆଇଜି (ଗୁଇନ୍ଦା) ରାଧାକୃଷ୍ଣ ଶର୍ମା, ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ସଫିକ ଅହମ୍ମଦ, ସିଆରପିଏଫ୍ ରାୟଗଡ଼ା ଆଇଜି ଓ ଡିଆଇଜି, ଭୁବନେଶ୍ୱର ସିଆର୍‌ପିଏଫ୍ ଡିଆଇଜି, କୋରାପୁଟ ଏସ୍‌ପି ମୁକେଶ କୁମାର ଭାମୁ, ନୂଆପଡ଼ା ଏସ୍‌ପି ଭିନିଥ ଅଗ୍ରୱାଲା, ରାୟଗଡ଼ା ଏସ୍‌ପି ଶ୍ରବଣ ବିବେକ ଏମ୍., ନବରଙ୍ଗପୁର ଏସ୍‌ପି ନୀତୀଶ କୁସଲକର, ମାଲକାନଗିରି ଏସ୍‌ପି ରିଷିକେଶ ଧ୍ୟାନଦେଓ ଖିଲାର, ବିଏସ୍ଏଫ୍ କମାଣ୍ଡାଣ୍ଟ ଏସ୍. ସିଂ, କୋବ୍ରା ବାଟାଲିୟନର କମାଣ୍ଡାଣ୍ଟ ସନ୍ତୋଷ ବାହାଦୁର ଉପସ୍ଥିତ ଥିଲେ ।

**ସମୀକ୍ଷା ବୈଠକରେ ପୋଲିସ ଡିଜି**

- ଜୟପୁରରେ ହେବ ସାଇବର ଥାନା
- ପୋଲିସ ସହ ଅନ୍ୟ ସୁରକ୍ଷା ବଳର ସମନ୍ୱୟ ଉପରେ ଗୁରୁତ୍ୱ
- ମୋ ସରକାର, ୫-ଟି ଅନୁଯାୟୀ କାମ କରିବାକୁ ପରାମର୍ଶ



କୋରାପୁଟସ୍ଥିତ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି କାର୍ଯ୍ୟାଳୟରେ ସମୀକ୍ଷା ବୈଠକ ।

# ଖାଲି ପଡ଼ିଛି ଅଧିକାରୀ, କର୍ମଚାରୀ ପଦବୀ

ଜୟପୁର,୨।୧୧(ଡି.ଏନ୍.ଏ.)

କୋରାପୁଟ ଜିଲାର ଏକ ମୁଖ୍ୟ ବ୍ଲକ ହେଉଛି ଜୟପୁର। ଏଥିରେ ୨୨ଟି ପଞ୍ଚାୟତ ଥିବାବେଳେ ପ୍ରଶାସନିକ ଓ ରାଜନୈତିକ ଦୃଷ୍ଟିକୋଣରୁ ଏହି ବ୍ଲକର ପ୍ରାଧାନ୍ୟ ଅଧିକ ରହିଛି। କିନ୍ତୁ ବର୍ତ୍ତମାନ ଏହି ବ୍ଲକରେ ଅଧିକାରୀ ଓ କର୍ମଚାରୀ ପଦବୀ ଖାଲି ପଡ଼ିଛି। କେତେକଙ୍କ ଅନ୍ୟତ୍ର ବଦଳି ଫଳରେ ଚୌକି ଖାଲି ରହୁଛି। ଆଗାମୀ ଦିନରେ ଏଥିଯୋଗୁ ପ୍ରଶାସନିକ ସମସ୍ୟା ବଢ଼ିବା ସହ ସାଧାରଣ ଲୋକେ ହନ୍ତସନ୍ତ ହୋଇପାରନ୍ତି।

ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ (ପିଇଓ) ପଦବୀ ରହିଥିବା ବେଳେ ଜୟପୁର ବ୍ଲକର ୨୨ଟି ପଞ୍ଚାୟତ ମଧ୍ୟରୁ ୮ଟିରେ ଏହି ପଦବୀ ଖାଲି ପଡ଼ିଛି। ସେହିପରି ୫ଟି ଗ୍ରାମ ରୋଜଗାର ସେବକ (ଜିଆରଏସ୍) ଖାଲି ରହିଛି। ସରକାରଙ୍କ ୫-ଟି ଯୋଜନା ଅନୁଯାୟୀ ଏଠାରୁ ୧୩ ଜଣଙ୍କ ଅନ୍ୟ ବ୍ଲକକୁ ବଦଳି ହୋଇଥିବା ବେଳେ ଏହାର ପ୍ରତିବଦଳରେ ୧୧ ଜଣ ନିଯୁକ୍ତି ପାଇଛନ୍ତି। ଫଳରେ ୭ଟି ଜିଆରଏସ୍ ପଦବୀରେ କେହି ନାହାନ୍ତି। ଦୀର୍ଘଦିନ ଧରି ଏଠାରେ ନିଯୁକ୍ତ ଏବିଡିଓଙ୍କୁ ଡେପୁଟେଶନରେ ବନ୍ଧୁଗାଁ ବଦଳି କରାଯିବା ପରେ ଏଠାରେ ପଦବୀ ଖାଲି ପଡ଼ିଛି। ବର୍ତ୍ତମାନ ବ୍ଲକର ଦୁଇ ମୁଖ୍ୟ ପଦବୀ ଗ୍ରାମପଞ୍ଚାୟତ ଅଧିକାରୀ (ଜିପିଓ) ଏବଂ ସାମାଜିକ ସୁରକ୍ଷା ଅଧିକାରୀ (ବିଏସ୍ଏସ୍ଓ)ଙ୍କ ବଦଳି କରାଯାଇଥିଲେ ସୁଦ୍ଧା ଏହା ବଦଳରେ ଅନ୍ୟ କାହାକୁ ଏଠାରେ ନିଯୁକ୍ତି ଦିଆଯାଇ ନାହିଁ। ସେହିପରି ୪ ଜଣ ଜେଇ ଓ ଜଣେ ଜିପିଟିଏ ରହିଥିବା ବେଳେ ଏହିପରି ବୈଷୟିକ ପଦବୀ ପାଇଁ ଆଉ ୪ଟି ପଦବୀ ଖାଲି ପଡ଼ିଛି। ଏହିପରି ପଦବୀ ଖାଲି ରହିଲେ ଜଣେ ଜଣେ ଅଧିକାରୀ ଓ କର୍ମଚାରୀଙ୍କ ଉପରେ ଏକାଧିକ କାର୍ଯ୍ୟଭାର ପଡୁଛି। ଫଳରେ ନିର୍ଦ୍ଧାରିତ ସମୟ ଭିତରେ ଉଚିତ୍ ମାନରେ କାର୍ଯ୍ୟ ସଂପାଦିତ ହୋଇପାରୁ ନାହିଁ। ଠିକାସଂସ୍ଥା ଦ୍ୱାରା ବିଭିନ୍ନ ନିର୍ମାଣ କାର୍ଯ୍ୟ ନିମ୍ନମାନର କରାଯାଉଥିବା ସାଧାରଣରେ ଅଭିଯୋଗ ହେଉଛି। ବିଧାୟକ ତାରାପ୍ରସାଦ ବାହିନୀପତି ଜୟପୁର ବ୍ଲକରେ ଆବଶ୍ୟକ ଅଧିକାରୀ ଓ କର୍ମଚାରୀଙ୍କୁ ନିଯୁକ୍ତି ଦେବା ପାଇଁ ଜିଲା ପ୍ରଶାସନକୁ ଦାବି ଜଣାଇଛନ୍ତି।

**ଜୟପୁର ବ୍ଲକ**

- ୮ ପଞ୍ଚାୟତରେ ପିଇଓ ନାହାନ୍ତି
- ୭ ଜିଆର୍‌ଏସ୍ ପଦବୀ ଖାଲି
- ବିଏସ୍ଏସ୍ଓ, ଜିପିଓ ନାହାନ୍ତି

### ପୋଖରୀରେ ବୁଡ଼ି ଶିଶୁକନ୍ୟା ମୃତ

ବୈପାରୀଗୁଡ଼ା,୨।୧୧(ଡି.ଏନ୍.ଏ.)

ବୈପାରୀଗୁଡା ଥାନା ରାମଗିରି ଫାଣ୍ଡି ଅନ୍ତର୍ଗତ ଗେଲ୍ଲାଗୁଡ଼ା ଗ୍ରାମରେ ଶନିବାର ଜଣେ ୪ ବର୍ଷର ଶିଶୁକନ୍ୟାର ପୋଖରୀରେ ବୁଡ଼ି ମୃତ୍ୟୁ ହୋଇଛି। ମୃତକ ହେଲେ ସେହି ଗ୍ରାମର ସୋମନାଥ ଗାଦବାଙ୍କ ଝିଅ କୁସୁମ ଗାଦବା (୪)। ପ୍ରକାଶ ଯେ, ଶନିବାର ଉକ୍ତ ଝିଅ ତାର ଜଣେ ସାଙ୍ଗ ସହ ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ପାଣିରେ ବୁଡ଼ିଯାଇଥିଲା। ସ୍ଥାନୀୟ ଲୋକେ ଖୋଜାଖୋଜି କରିବା ପରେ ମଧ ଝିଅର ପତା ନ ମିଳିବାରୁ ବୈପାରୀଗୁଡ଼ା ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ଖବର ପାଇ ଅଗ୍ନିଶମ ବିଭାଗ ଘଟଣାସ୍ଥଳକୁ ଯାଇ ମୃତଦେହ ଉଦ୍ଧାର କରିଥିଲା। ରାମଗିରି ଫାଣ୍ଡି ଅଧିକାରୀ ସୁବ୍ରତ ପାଣିଗ୍ରାହୀ ଘଟଣାସ୍ଥଳକୁ ଯାଇ ମୃତଦେହ ଜବତ ପରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ କରୁଛନ୍ତି।

## ବିଜୁ ଯୁବ ବାହିନୀ ପକ୍ଷରୁ 'ରକ୍ଷକ' ଶୋଭାଯାତ୍ରା



କୁନ୍ଦୁରା ବିଜୁ ଯୁବ ବାହିନୀ ପକ୍ଷରୁ ବାହାରିଥିବା ସଚେତନତା ଶୋଭାଯାତ୍ରା ।

କୁନ୍ଦୁରା,୨।୧୧(ଡି.ଏନ୍.ଏ.)

କୁନ୍ଦୁରା ବ୍ଲକ ବିଜୁ ଯୁବ ବାହିନୀ ପକ୍ଷରୁ ଟ୍ରାଫିକ ସଚେତନତା ପାଇଁ 'ରକ୍ଷକ' କାର୍ଯ୍ୟକ୍ରମ ଓ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି । ଜିଲା ବିଜେଡି ଉପସଭାପତି ସଞ୍ଜୟ ସାହୁ, କୁନ୍ଦୁରା ପଞ୍ଚାୟତ ସମିତି ଅଧକ୍ଷ ସୁରେନ୍ଦ୍ର ପରଜା, ବିଜୁ ଯୁବ ବାହିନୀ ସଂଯୋଜକ ସାମୁଏଲ୍ ଡଙ୍ଗ୍ରି, ବିକ୍ରମ ବେହେରା କୁନ୍ଦୁରା ଥାନା କର୍ମଚାରୀଙ୍କ ସହ ମିଶି ଗାଡ଼ି ଚାଳକଙ୍କୁ ନୂତନ ମୋଟର ଯାନ ନିୟମ ମାନିବା ପାଇଁ ସଚେତନ କରିଥିଲେ। ଗାଡ଼ିର ବୀମା, ପ୍ରଦୂଷଣ ପ୍ରମାଣପତ୍ର, ଡ୍ରାଇଭିଂ ଲାଇସେନ୍ସ ରଖିବାକୁ କୁହାଯାଇଥିଲା।

# 'ଦୁର୍ନୀତି ହଟାଇପାରିବେ ଯୁବପିଢ଼ି'

ଜୟପୁର,୨।୧୧(ଡି.ଏନ୍.ଏ./ନି.ପ୍ର.)

ଦୁର୍ନୀତି ନିବାରଣ ସପ୍ତାହ ଅବସରରେ ଜୟପୁର ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଶୁକ୍ରବାର ଏକ କର୍ମଶାଳା ଅନୁଷ୍ଠିତ ହୋଇଛି। ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ 'ଦୁର୍ନୀତି ଓ ଭାରତର ଶାସନ ନୀତି' ସମ୍ପର୍କିତ ଆୟୋଜିତ ଏହି କର୍ମଶାଳାରେ ଅଧକ୍ଷା ଡ. ରଚନା ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଦୁର୍ନୀତି ଦେଶର ପରମ ଶତ୍ରୁ ଅଟେ । ଏହାକୁ ତୁରନ୍ତ ଦେଶରୁ ହଟାଇବାକୁ ହେଲେ ଯୁବପିଢ଼ି ଓ ଛାତ୍ରୀଛାତ୍ରମାନେ ମୁଖ୍ୟ ଭୂମିକା ଗ୍ରହଣ କରିପାରିବେ । ଦେଶରେ ବର୍ତ୍ତମାନ ବିଭିନ୍ନ ରାଜନୈତିକ ଦଳର ନେତାମାନେ ଯୁବବର୍ଗ ପକ୍ଷରୁ ପ୍ରତିନିଧିତ୍ୱ କରୁଛନ୍ତି । ଯୁବକଙ୍କ ଉପରେ ଦେଶ, ସମାଜ ଓ ସାଧାରଣ ଲୋକଙ୍କ ବିଶ୍ୱାସ ରହିଛି ବୋଲି ସେ କହିଛନ୍ତି। ଏହି ଅବସରର ଦୁର୍ନୀତି ନିବାରଣ ପାଇଁ ଛାତ୍ରୀଛାତ୍ରମାନେ ଶପଥପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧାପିକା ସନ୍ତୋଷିନୀ ମୁଣ୍ଡା, କାଜଲ ଗନ୍ତାୟତ, ଗାୟତ୍ରୀ ମହାପାତ୍ର, ଅଧାପକ ସଞ୍ଜୟ ସାହୁ, ରଜନୀ କିଶାନ, ଶଙ୍କର ପ୍ରସାଦ ଦୁରିଆ, କାହ୍ନୁଚରଣ ବରାଡ଼, ଉତ୍ତମ ପାଣିଗ୍ରାହୀ ଉପସ୍ଥିତ ଥିଲେ।




ବିକ୍ରମଦେବ କଲେଜର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଆୟୋଜିତ କର୍ମଶାଳାରେ ମଞ୍ଚାସୀନ ଅତିଥିମାନେ।

## ■ ସୁନାବେଡ଼ା ପୌରାଞ୍ଚଳସ୍ତରୀୟ ଲୋକ ମହୋତ୍ସବ

# ହଜିଯାଉଥିବା ସଂସ୍କୃତିକୁ ସାଉଣ୍ଟିଛି 'ପରବ'

ସୁନାବେଡ଼ା,୨।୧୧(ଡି.ଏନ୍.ଏ.)

କୋରାପୁଟର ଆଦିବାସୀ ଲୋକ ମହୋତ୍ସବ ପରବ ସହ ବିକାଶର ଧାରା ଯୋଡ଼ି ହୋଇଛି। ଜିଲାର ଲୁକ୍କାୟିତ କଳା, ସଂସ୍କୃତି ଓ ପ୍ରତିଭା ମାଧ୍ୟମରେ ଏହା ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚିପାରିଛି। ସୁନାବେଡ଼ା ପୌରାଞ୍ଚଳସ୍ତରୀୟ ପରବ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇ କୋରାପୁଟ ବିଧାୟକ ରଘୁରାମ ପଡାଲ ଏହା କହିଛନ୍ତି। ସମ୍ମାନିତ ଅତିଥି ଭାବେ କାର୍ଯ୍ୟକ୍ରମରେ ପଟ୍ଟାଙ୍ଗୀ ବିଧାୟକ ପ୍ରୀତମ ପାଢ଼ୀ ଯୋଗଦେଇ କହିଥିଲେ, ପରବ ଦ୍ୱାରା ଜିଲାର ଉନ୍ନତି ହେବା ସହ ହଜିଯାଉଥିବା ସଂସ୍କୃତିକୁ ସାଉଁଟି ରଖିବାରେ ଏହା ସହାୟକ ହେଉଛି। ସନ୍ଧ୍ୟା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ, ସମ୍ମାନିତ ଅତିଥି ଭାବେ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ ଯୋଗଦେଇ ପୌରାଞ୍ଚଳ ସ୍ତରୀୟ ପରବ-୨୦୧୯କୁ ଉଦ୍‌ଘାଟନ କରିଥିଲେ। ସୁନାବେଡ଼ା ପୌରାଞ୍ଚଳରେ ଥିବା ବିଭିନ୍ନ ପ୍ରତିଭାମାନଙ୍କୁ ଆଗକୁ ଆଣିବାକୁ ଯେଉଁ ପ୍ରୟାସ କରାଯାଉଛି, ଦୁଇ ମନ୍ତ୍ରୀ ତାହାର ଉଚ୍ଚ ପ୍ରଶଂସା କରିଥିଲେ । ଅନ୍ୟାମାନଙ୍କ ମଧ୍ୟରେ ନଗରପାଳିକା ଶୁଭଶ୍ରୀ ମଲ୍ଲିକ, ପୌର ନିର୍ବାହୀ ଅଧିକାରୀ ସ୍ୱସ୍ତିକ ଜମାଦାର, ଉପନଗରପାଳ ରତ୍ନାକର ନନ୍ଦ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର ସଫଳ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଲକ୍ଷ୍ମୀଧର ମହାପାତ୍ର ସଭାକାର୍ଯ୍ୟ ପରିଚାଳନା ଓ ଅଶ୍ୱିନୀ ପଟ୍ଟନାୟକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଦୁଇ ବିଧାୟକ ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି।



ସନ୍ଧ୍ୟା କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ।

## ସଂକ୍ଷେପରେ

### ଏୟାର ଏସିଆର ବିଗ୍ ସେଲ୍ ଘୋଷଣା

**ନୂଆଦିଲ୍ଲୀ,୨-୧୧:** ଏୟାର ଏସିଆ ପକ୍ଷରୁ ବିଗ୍ ସେଲ୍ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ସମୟରେ ଯାତ୍ରୀମାନେ ଘରୋଇ ଏବଂ ଅନ୍ତର୍ଜାତୀୟ ଉଡାଣ ଉପରେ ଆକର୍ଷଣୀୟ ଅଫର ଲାଭ କରିପାରିବେ। ଦେଶ ମଧ୍ୟରେ ଉଡାଣ ପାଇଁ ୧୦୧୯ ଟଙ୍କାରୁ ଏବଂ ୨୩୧୯ ଟଙ୍କାରୁ ଗ୍ରାହକ ଅନ୍ତର୍ଜାତୀୟ ଉଡାଣ ସୁବିଧା ପାଇପାରିବେ। ଏୟାର ଏସିଆ ବିଗ୍ ସଦସ୍ୟଙ୍କ ଲାଗି ଅଗ୍ରାଧିକାର ବୁକିଂ ଚଳିତ ମାସ ୩ରୁ ଆରମ୍ଭ ହେବ। ନଭେମ୍ବର ୪ରୁ ସାଧାରଣ ବୁକିଂ ଆରମ୍ଭ ହୋଇ ୧୦ ତାରିଖ ଯାଏ ଚାଲିବ। ଏହି ବୁକିଂ ଉପରେ ଯାତ୍ରୀମାନେ ଆସନ୍ତା ବର୍ଷ ୨୭ ଏପ୍ରିଲରୁ ୨୦୨୧ ମାର୍ଚ୍ଚ ପହିଲା ଯାଏ ଯାତ୍ରା କରିବାକୁ ସୁଯୋଗ ପାଇପାରିବେ। ଯାତ୍ରୀଙ୍କ ପକେଟକୁ ସୁହାଇବା ଭଳି ମୂଲ୍ୟରେ ବିଭିନ୍ନ ସ୍ଥାନକୁ ଭ୍ରମଣ ଲାଗି ଉତ୍ସାହିତ କରାଯାଉଥିବା ଏୟାର ଏସିଆ ସିଓଓ ସଞ୍ଜୟ କୁମାର କହିଛନ୍ତି।

### ୟୁନିୟନ ବ୍ୟାଙ୍କ ପକ୍ଷରୁ ଋଣ ମୁକ୍ତି ଶିବିର

**ନୂଆଦିଲ୍ଲୀ,୨-୧୧:** ୟୁନିୟନ ବ୍ୟାଙ୍କ ପକ୍ଷରୁ ଋଣ ମୁକ୍ତି ଶିବିର ସମ୍ପର୍କରେ ଘୋଷଣା କରାଯାଇଛି। ଏହା ଚଳିତ ମାସ ୧୧ ତାରିଖ ଯାଏ ଚାଲିବ। ଏହା ସାରା ଦେଶରେ ଥିବା ବ୍ୟାଙ୍କର ସବୁ ଶାଖାଗୁଡିକରେ ଆୟୋଜନ କରାଯାଉଛି। ଏଥିରେ କ୍ଷୁଦ୍ର ଋଣଧାରୀଙ୍କଠାରୁ ଆରମ୍ଭ କରି ୫୦ କୋଟି ଟଙ୍କା ପର୍ଯ୍ୟନ୍ତ ଋଣ ନେଇଥିବା ବ୍ୟକ୍ତିବିଶେଷ ସେମାନଙ୍କ ଅନାଦାୟ ଋଣ(ଏନ୍‌ପିଏ)କୁ ଏକକାଳୀନ ପରିଶୋଧ କରିବାକୁ ସୁଯୋଗ ପାଇ ପାରିବେ। ସେହିଭଳି ବ୍ୟାଙ୍କର କ୍ଷେତ୍ରୀୟ କାର୍ଯ୍ୟାଳୟ ଅନ୍ତର୍ଗତ ସବୁ ଶାଖାରେ ଏହା ଆୟୋଜନ କରାଯାଉଛି। ଋଣଧାରୀମାନେ ସେମାନଙ୍କ ନିକଟସ୍ଥ ଶାଖା ପ୍ରବନ୍ଧକମାନଙ୍କୁ ସାକ୍ଷାତକରି ବ୍ୟାଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ସୁବିଧା ସୁଯୋଗ ନେଇ ପାରିବେ।



"ଦେଶରେ ମାନୁଫାକଚରିଂ କାର୍ଯ୍ୟକଳାପ ଏବଂ ରପ୍ତାନି ବୃଦ୍ଧି ଲାଗି ରାଜ୍ୟଗୁଡିକ ସହ ମିଳିତ ହୋଇ କାର୍ଯ୍ୟକ୍ରମ ଜାରି ରହିଛି।
– ପୀୟୂଷ ଗୋୟଲ, କେନ୍ଦ୍ର ରେଳ ମନ୍ତ୍ରୀ



"ଭାରତ ସରକାର ଏନ୍‌ବିଏଫ୍‌ସି ସମସ୍ୟା ସମାଧାନ ଏବଂ ସଂସ୍କାର ଧାରାକୁ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି।
– ରଘୁରାମ ରାଜନ, ପୂର୍ବତନ ଗଭର୍ନର, ରିଜର୍ଭ ବ୍ୟାଙ୍କ

# ୨୦୨୪ ଯାଏ ୬.୬% ରହିବ ଜିଡିପି ଅଭିବୃଦ୍ଧି

**ନୂଆଦିଲ୍ଲୀ,୨-୧୧**

**ଓଇସିଡିର ପୂର୍ବାନୁମାନ**
- ଚାହିଦା ବୃଦ୍ଧି ଲାଗି ପର୍ଯ୍ୟାପ୍ତ ସୁଯୋଗ
- ବ୍ୟାଙ୍କିଙ୍ଗ ସ୍ଥିତି ସୁଧାରିବା ବଡ ଚ୍ୟାଲେଞ୍ଜ
- ଡିଜିଟାଲ ସାକ୍ଷରତା ବୃଦ୍ଧି ଉପରେ ଗୁରୁତ୍ୱ



୨୦୨୦-୨୪ ଯାଏ ଭାରତର ଜିଡିପି ଅଭିବୃଦ୍ଧି ବାର୍ଷିକ ୬.୬% ହାରରେ ବୃଦ୍ଧି ଘଟିବ। ଏହା ୨୦୧୩-୧୭ ମଧ୍ୟରେ ହୋଇଥିବା ହାରାହାରି ୭.୩% ଅଭିବୃଦ୍ଧି ହାର ଠାରୁ କମ୍ ବୋଲି ଅର୍ଗାନାଇଜେଶନ ଫର୍ ଇକୋନୋମିକ କୋଅପରେଶନ ଆଣ୍ଡ ଡେଭଲପ୍‌ମେଣ୍ଟ(ଓଇସିଡି) ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି। ବ୍ୟାଙ୍କକରେ ଅନୁଷ୍ଠିତ ଆସୋସିଏଶନ ଅଫ୍ ସାଉଥ ଇଷ୍ଟ ଏସିଆନ ନେଶନ(ଏସିଆନ) ସମିଟ ଅବସରରେ ଦକ୍ଷିଣ ଏସିଆ, ଚାଇନା ଏବଂ ଭାରତ ଲାଗି ଅର୍ଥନୈତିକ ପୂର୍ବାନୁମାନ ରିପୋର୍ଟରେ ଏହା ପ୍ରକାଶ ପାଇଛି। ୨୦୧୩ରୁ ୨୦୧୭ ଯାଏ ବ୍ୟାଙ୍କିଙ୍ଗ କ୍ଷେତ୍ରରେ କିଛିଟା ଉନ୍ନତି ଯୋଗୁ ଏହାର ପ୍ରଭାବ ଭାରତ ଉପରେ ପଡିଥିଲା। ୨୦୨୦ ପରେ ୨୦୨୪ ଯାଏ ଭାରତ ଅଭିବୃଦ୍ଧି ହାର ସାମାନ୍ୟ ରହିବା ନେଇ ଆକଳନ କରାଯାଇଛି।

ଘରୋଇ ବଜାରର ଜିଡିପି ଅଭିବୃଦ୍ଧି ଏହି ସମୟରେ ୫ ବର୍ଷର ସର୍ବନିମ୍ନ ସ୍ତର ୫%କୁ ଖସିଛି। ଚାହିଦା ବଢାଇବା ଲାଗି ଭାରତ ନିକଟରେ ପର୍ଯ୍ୟାପ୍ତ ସୁଯୋଗ ରହିଛି। ଅପରପକ୍ଷରେ ବ୍ୟାଙ୍କିଙ୍ଗ କ୍ଷେତ୍ରର ସ୍ଥିତିରେ ସୁଧାର ଆଣିବା ଏକ ବଡ ଆହ୍ୱାନ ହୋଇଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ରହିଥିବା ତାରତମ୍ୟ ଦୂରୀକରଣ, ସହରୀକରଣ ବେଳେ ନିବେଶ ଏବଂ ଅନ୍ୟାନ୍ୟ ଆର୍ଥିକ ସୁଯୋଗ ଯୋଗାଣ ଉପରେ ରିପୋର୍ଟରେ ଗୁରୁତ୍ୱାରୋପ କରାଯାଇଛି।

ଏହି ସମୟରେ ଆଞ୍ଚଳିକ ଜିଡିପି ଅଭିବୃଦ୍ଧି ୫.୭% ରହିବା ନେଇ ପୂର୍ବାନୁମାନ କରାଯାଇଛି। ଏହା ୨୦୧୩-୧୭ ମଧ୍ୟରେ ୬.୭% ରହିଥିଲା। ସେହିଭଳି ରିପୋର୍ଟରେ କୁହାଯାଇଛି ଯେ, ଚାଇନା ଏହାର ଡିଜିଟାଲ ଟାଲେଣ୍ଟର ଚାହିଦା ଏବଂ ଯୋଗାଣ ମଧ୍ୟରେ ରହିଥିବା ପାର୍ଥକ୍ୟ ଦୂରୀକରଣ ଦିଗରେ କାର୍ଯ୍ୟ କରିବା ଆବଶ୍ୟକ। ସେହିଭଳି ଭାରତ ଡିଜିଟାଲ ସାକ୍ଷରତାର ବିକାଶ, ଡିଜିଟାଲ ଡିଭାଇସର ଉପଲବ୍ଧତା ବୃଦ୍ଧି କରିବାକୁ ଏଥିରେ କୁହାଯାଇଛି। ଏବେ ଚାଇନା ଏବଂ ଆମେରିକା ବାଣିଜ୍ୟ ଯୁଦ୍ଧ ଲାଗିରହିବା ଫଳରେ ଏହାର ପ୍ରଭାବ ବିଶ୍ୱର ଅନ୍ୟ ଦେଶଗୁଡିକ ଉପରେ ରହିଛି। ଅଭିବୃଦ୍ଧିଶୀଳ ଅର୍ଥନୀତିଗୁଡିକର ଦୁର୍ବଳ ଆର୍ଥିକ ସ୍ଥିତି ଯୋଗୁ ଏହା ରପ୍ତାନି ଉପରେ ଅନିଶ୍ଚିତତା ସୃଷ୍ଟି କରିଛି। ଶ୍ରମ ବଜାରରେ ସ୍ଥିରତା ଏବଂ ବିଦେଶରେ କାର୍ଯ୍ୟ କରୁଥିବା ଶ୍ରମଶକ୍ତିରୁ ଦେଶ ମଧ୍ୟକୁ ପୁଞ୍ଜି ପ୍ରବାହ ହେଲେ ଏହା ଚାହିଦା ବୃଦ୍ଧିରେ ସହାୟକ ହେବ। ସେହିଭଳି ଭିତ୍ତିଭୂମି ପ୍ରକଳ୍ପଗୁଡିକରେ ଖର୍ଚ୍ଚ ଚାହିଦାକୁ ଆଗକୁ ନେବାରେ ସହାୟକ ହେବ ବୋଲି ରିପୋର୍ଟରେ କୁହାଯାଇଛି।

# ସତର୍କତା ସଚେତନତା ସପ୍ତାହ

**ଏନ୍‌ଆଇଏନ୍‌ଏଲ୍:** କଳିଙ୍ଗ ନଗରସ୍ଥିତ ନୀଳାଚଳ ଇସ୍ପାତ ନିଗମ (ଏନ୍‌ଆଇଏନ୍‌ଏଲ୍) ପରିସରରେ ସତର୍କତା ସଚେତନତା କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ଏନ୍‌ଆଇଏନ୍‌ଏଲ୍ ଏମ୍‌ଡି ଶଶୀ ଶେଖର ମହାନ୍ତି ଏହି ଦିବସ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିରେ ବିତ୍ତ ନିର୍ଦ୍ଦେଶକ ଏସ୍‌ଭି ସାହି ଯୋଗ ଦେଇଥିଲେ। ଏଥିରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

**ୟୁବିଆଇ:** ୟୁନାଇଟେଡ ବ୍ୟାଙ୍କ ଅଫ୍ ଇଣ୍ଡିଆ(ୟୁବିଆଇ) କଲିକତା କାର୍ଯ୍ୟାଳୟ ପକ୍ଷରୁ ସତର୍କତା ସଚେତନତା କାର୍ଯ୍ୟକ୍ରମ ଅବସରରେ ଇଣ୍ଟିଗ୍ରିଟି ଏ ୱେ ଅଫ୍ ଲାଇଫ୍ ଶୀର୍ଷକ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସିବିଆଇର ଯୁଗ୍ମ ନିର୍ଦ୍ଦେଶକ ପଙ୍କଜ ଶ୍ରୀବାସ୍ତବ ଏଥିରେ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ବ୍ୟାଙ୍କର ଏମ୍‌ଡି ଅଶୋକ କୁମାର ପ୍ରଧାନ ସତର୍କତାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ସତର୍କତା ଅଧିକାରୀ ଦିନେଶ କୁମାର ନାମଦେଓଙ୍କ ସମେତ ଅନ୍ୟ ଅଧିକାରୀ ଏବଂ କର୍ମଚାରୀମାନେ ଏହି ଅବସରରେ ଉପସ୍ଥିତ ଥିଲେ।

**କର୍ପୋରେଶନ ବ୍ୟାଙ୍କ:** ସତର୍କତା ସଚେତନତା ସପ୍ତାହ ଅବସରରେ କର୍ପୋରେଶନ ବ୍ୟାଙ୍କ କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ୱାକାଥନ ଅନୁଷ୍ଠିତ ହୋଇଥିଲା। ଏଥିରେ କ୍ଷେତ୍ରୀୟ ମୁଖ୍ୟ ଏ.ଆର୍.ରାଘବେନ୍ଦ୍ର, ସହାୟକ ମହାପ୍ରବନ୍ଧକ ଲୋକନାଥ ସାହୁଙ୍କ ସମେତ ପ୍ରାୟ ୬୦ କର୍ମଚାରୀ ଅଂଶଗ୍ରହଣ କରିଥିଲେ।

**ଆନ୍ଧ୍ର ବ୍ୟାଙ୍କ:** ଆନ୍ଧ୍ର ବ୍ୟାଙ୍କ କ୍ଷେତ୍ରୀୟ କାର୍ଯ୍ୟାଳୟ ବରମୁଣ୍ଡାଠାରେ ସତର୍କତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବ୍ୟାଙ୍କର ସର୍କଲ କାର୍ଯ୍ୟାଳୟ, କ୍ଷେତ୍ରୀୟ କାର୍ଯ୍ୟାଳୟ, କ୍ଷେତ୍ରୀୟ ନିରୀକ୍ଷଣାଳୟ, ମୁଦ୍ରାକୋଷ ଏବଂ ବରମୁଣ୍ଡା ଶାଖା କାର୍ଯ୍ୟାଳୟର କର୍ମଚାରୀମାନେ ଏଠାରେ ଯୋଗ ଦେଇଥିଲେ। ମଣ୍ଡଳ ମହାପ୍ରବନ୍ଧକ ରମାକାନ୍ତ ପ୍ରଧାନ, କ୍ଷେତ୍ରୀୟ ଉପମହାପ୍ରବନ୍ଧକ କେଭିଭିଏନ୍‌ଏସ୍ ରାମମୂର୍ତ୍ତି ପ୍ରମୁଖ ଏଥିରେ ଅଂଶଗ୍ରହଣ କରିଥିଲେ।

**ବ୍ୟାଙ୍କ ଅଫ୍ ବରୋଦା:** ବ୍ୟାଙ୍କ ଅଫ୍ ବରୋଦା କ୍ଷେତ୍ରୀୟ କାର୍ଯ୍ୟାଳୟଠାରେ ଏହି ଦିବସ ପାଳନ ଅବସରରେ ୱାକାଥନ ଆୟୋଜନ କରାଯାଇଥିଲା। ଏଥିରେ କ୍ଷେତ୍ରୀୟ ପ୍ରବନ୍ଧକ ସୋମନାଥ ନନ୍ଦ, ଡିଆର୍‌ଏମ୍-୧ ଭାରତ ଭୂଷଣ, ଡିଆରଏମ୍-୨ ହରିଶ ସିହ୍ନା, ଭୁବନେଶ୍ୱର ମୁଖ୍ୟ ଶାଖାର ସହାୟକ ମହାପ୍ରବନ୍ଧକ ମନୋରଞ୍ଜନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଇସ୍ପାତ ପ୍ରଡକ୍ଟ ପରିବହନରେ ଟାରିଫ ହ୍ରାସ ହେଉ: ଆଇସିସି

**ଭୁବନେଶ୍ୱର,୨-୧୧**

ଦେଶରେ ଗଚ୍ଛିତ ଥିବା ମୋଟ ଖଣିଜ ମଧ୍ୟରୁ ଅତି ନଗଣ୍ୟ ଭାଗ ଏବେ ଉତ୍ତୋଳନ ହେଉଛି। ଏହି ପ୍ରକ୍ରିୟା ତ୍ୱରାନ୍ୱିତ ହେବାର ଆବଶ୍ୟକତା ରହିଛି। ନିମ୍ନ ମାନର ଖଣିଜ ପଦାର୍ଥରେ ମୂଲ୍ୟ ସଂଯୋଗ କରିବା ଉପରେ ମଧ୍ୟ ଖଣିଜ ଶିଳ୍ପଗୁଡିକ ଅଧିକ ଗୁରୁତ୍ୱ ପ୍ରଦାନ କରିବା ଉଚିତ ବୋଲି ଆଇସିସି ଓଡିଶା ରାଜ୍ୟ ପରିଷଦର ଖଣି ସଂଯୋଜକ ମନିଷ ଖର୍ବାଣ୍ଡା କହିଛନ୍ତି। ସେ କହିଛନ୍ତି ଯେ, ଦେଶରେ ୧୫୦ ନିୟୁତ ଟନ୍ ନିମ୍ନ ମାନର ଖଣିଜ ଉତ୍ପାଦନ ହେଉଛି। ଏଥି ମଧ୍ୟରୁ ୮୦ ନିୟୁତ ଟନ୍ ଓଡିଶାରେ ଉତ୍ପାଦନ ହେଉଛି। ଏହି ସବୁ ଖଣିଜ ପଦାର୍ଥରେ ମୂଲ୍ୟ ଯୋଗ କରାଯାଇ ପାରିବ। ଏହା ହେଲେ କିଛି ବର୍ଷ ମଧ୍ୟରେ ଦେଶରୁ ଲୁହାପଥର ଅଭାବକୁ ଦୂର କରାଯାଇ ପାରିବ। ଏଭଳି ସ୍ଥିତିରେ ହେମାଟାଇଟ ଏବଂ ମ୍ୟାଗ୍ନେଟାଇଟ ବେନିଫିକେଶନ କରିବାକୁ ସେ ଗୁରୁତ୍ୱାରୋପ କରିଛନ୍ତି। ଏବେ ରାଜ୍ୟରେ ଖଣିଜ ପଦାର୍ଥ ପରିବହନ କ୍ଷେତ୍ରରେ ବିଭିନ୍ନ ସମସ୍ୟା ଲାଗି ରହିଛି। ଖଣିଜ ପଦାର୍ଥ ପରିବହନ ଲାଗି ୨୪ରୁ ୨୫% ଖର୍ଚ୍ଚ କରିବାକୁ ପଡୁଛି। ଇସ୍ପାତ ଏବଂ ସେ ସମ୍ପର୍କିତ ଉତ୍ପାଦ ପରିବହନ ଉପରୁ ଟାରିଫ ହ୍ରାସ କରିବା ଲାଗି ସେ ସରକାରଙ୍କୁ ଅନୁରୋଧ କରିଛନ୍ତି। ବନ୍ଦରଗୁଡିକରେ ଭିଡ ଲାଗି ରହୁଥିବାରୁ ୫ରୁ ୧୦ କିମି ମଧ୍ୟରେ କଣ୍ଟେନର ଡିପୋ ସ୍ଥାପନ, ସ୍ଲରି ପାଇପଲାଇନ ବିଛାଇବା, ଖଣି କାର୍ଯ୍ୟରେ ଡ୍ରୋନ ଏବଂ ଟେଲିମେଟ୍ରି ବ୍ୟବହାର ଉପରେ ଯୋର ଦିଆଯାଇଛି।


ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
**ODISHA POWER TRANSMISSION CORPORATION LTD.**
(A Government of Odisha Undertaking)
OPTCL Lifeline of Odisha
O/o the Executive Engineer (Civil), Civil Works Division No. - 1, Bhubaneswar
CIN : U40102OR2004SGC007553

No. 4681 **TENDER CALL NOTICE NO. 07 OF 19-20** Dt : 02.11.2019

Tenders are invited from experienced bidders through open tender for the works mentioned in **TCN No.07 of 19-20 from Sl. No. 1 to 09**, Cost of Tender Paper is **₹4,000/- + 12% GST**, EMD : **1% of Estimated Cost put to Tender Value**. Sales and receipt of tender documents will start from **11.00 hrs. of Dt. 05.11.2019** and end on **Dt. 18.11.2019** up to **5.00 PM**. Date of opening of **TCN No. 07/19-20** is on **Dt. 19.09.2019 at 11.00 AM**. For details please visit our website **www.optcl.co.in. Corrigendum if any will be published in the website only.**

Executive Engineer (C)

Please connect us : optcl.odisha optcl_odisha energyodisha



## OFFICE OF THE COLLECTOR & DISTRICT MAGISTRATE, GAJAPATI

**Phone No.: 06815-222396/ Fax No.: 06815-222464/ e-mail: origaj@nic.in**

**TENDER NOTIFICATION**

**No. 9653, No. 9654, No. 9655, No. 9656 & No. 9657 dated-31.10.2019**

The details of documents for Tender is available in the website **www.gajapati.nic.in**.

Name of the work: "Electrification of System Improvement Works" under Biju Gramya Jyoti Yojana (BGJY) Scheme for the year 2019-20.

1. No. of works : 5 (five) Nos.
2. Last date & Time of receipt of Bids: Date 20.11.2019 upto 01.00 PM.
3. Opening of Bids : Date 20.11.2019 at 04.00 PM

By Order of the Collector
**Sd./- Project Director, DRDA, Gajapati**



## TENDER CALL NOTICE

## Office of the D.G & I.G. of Police, Odisha, Cuttack

D-167

1. Sealed tenders are invited from the manufacturer / Authorized Agent / Authorised dealer of the OEM for purchase of different types of Clothing articles (including Ceremonial Uniforms), Nylon Web equipments, Police Flags for Odisha Police under State Budget Grant during the Current Financial Year, 2019-2020.
2. Name of items along with detail technical Specifications, probable requirements against each item may be seen from the Govt. of Odisha website i.e. www.odisha.gov.in. The quantity may vary during indent of the item depending upon budgetary allocation.
3. Date of Issue of Tender documents from **dtd:04.11.2019 at 10.00 AM to dtd:03.12.2019 up to 5.00 PM.**
4. Last date for receipt of sealed Tender and Sample on **dtd:04.12.2019 up to 5.00 PM.**
5. Date for opening of sealed Tenders / Technical Bids on **dtd:05.12.2019 at 11.30 AM** at the **Office of the D.G. & I.G of Police, Odisha, Buxi Bazar, Cuttack.**

A.I.G. of Police (Provisioning),
Odisha, Cuttack.
(Tender Calling Authority)

12018/11/0021/1920



## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER JAGATSINGHPUR

E-469

**TENDER CALL NOTICE**

The tender call notice for outsourcing of BMWM activities of the district vide No-8206 dtd 25/10/19 and Diet services of DHH Jagatsinghpur vide No-8205 dtd 25/10/19 has been hoisted in the district website for general information.

For details please log on to –
http://jagatsinghpur.nic.in.

SD/-
DR GUNJAR CHARAN MOHANTA
CDM&PHO
JAGATSINGHPUR

10043/11/0013/1920



## EXPRESSION OF INTEREST

"Expression of Interest" in sealed cover is hereby invited for the following activities of up-coming 14th Toshali National Crafts Mela from 15th to 27th December 2019 at Janata Maidan, Bhubaneswar.

1. **Opening of Food Counter in Food court.**
2. **Operating Canteen Service.**
3. **Providing Children Fun Fair Play Items to Play Zone.**
4. **Providing Security Service.**
5. **Photography, Videography & Documentation.**

For details, please visit the office of SIDAC, Handicrafts Complex, Gandamunda, Khandagiri, Bhubaneswar. Ph.: 0674-2350318 or visit the website **www.sidacodisha.org.in.** The details of EOI will be available in the website w.e.f **04.11.2019.**

**Member Secretary**

**State Institute for Development of Arts & Crafts**
Handlooms, Textiles & Handicrafts Department, Government of Odisha
Handicrafts Complex, Gandamunda, Bhubaneswar - 750030
Tel. No.: +91 (0) 674-2350318
E-mail: sidacorissa@gmail.com, Website: www.sidacodisha.org.in



## ROURKELA SMART CITY LIMITED

ROURKELA SMART CITY LTD.
**Udit Nagar, Rourkela-769012**

**BID ID:- 802** **Date: 02.11.2019**

The Rourkela Smart City Ltd. Invites tender from the eligible Contractors for the Project "Design Development, Construction of Surface Parking for Two Wheeler and Four wheeler consisting of civil works and Electrical works on Mahatab Road at Rourkela.

The complete BID document can be viewed / downloaded from official portal of Rourkela Municipal Corporation (https://www.rmc.nic.in / https://smartnet.niua.org or e-procurement portal of Odisha https://tendersodisha.gov.in from 06.11.2019 to 25.11.2019 (upto 17:00 hrs. IST). Bid must be submitted online only at [https:/tendersodisha.gov.in] on or before (upto 25.11.2019 17:00 hrs. IST). Bids received online shall be opened on 28.11.2019 (at 16:00 hours IST). Bid through any other mode shall not be entertained. However, Bid Security, document fee & Power of Attorny and other documents as per SBD shall be submitted physically by the Bidder on or before 28.11.2019 (at 15:00 hours IST). Pre-Bid Meeting will be held on 13.11.2019 at 3:30 P.M. in the Conference Hall of RSCL. Please note that the RSCL reserves the right to accept or reject all or any of the BIDs without assigning any reason whatsoever. For queries, intending bidder may contact General Manager (E & T) vide Phone **No.8249833105** and **Email Id : rourkelascl@gmail.com**

**Sd./-**
**Chief Executive Officer**
**Rourkela Smart City Limited**
**Rourkela**



## ଓଡ଼ିଶା ସରକାର

## ଢେଙ୍କାନାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

### ଘୋଷଣା

**File No. 153** **dated: 01.05.19**

**No.II-50:-** ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ **(RFCTLAR & R Act, 2013)** ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨ (୧) ପ୍ରକାରେ ପ୍ରତୀତ ହେଉଅଛି ଯେ **ମୌଜା–ବାରବାଙ୍କ, ଥାନା–ଢେଙ୍କାନାଳ ସଦର, ତହସିଲ– ଢେଙ୍କାନାଳ, ଜିଲ୍ଲା–ଢେଙ୍କାନାଳ**ରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଶାଳଗାଁ ବୁଢ଼ାପଙ୍କ ଡାକବେରଠାରୁ ଜରପଡ଼ା ତୃତୀୟ ଓ ଚତୁର୍ଥ ରେଳ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ **(RFCTLAR & R Act, 2013)** ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୧୦ ତା.୦୪।୦୫।୨୦୧୮ ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ **ମୌଜା–ବାରବାଙ୍କ, ଥାନା–ଢେଙ୍କାନାଳ ସଦର, ଜିଲ୍ଲା– ଢେଙ୍କାନାଳ**ରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଏବଂ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ।

**ତଫସିଲ- 'କ'**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

**ଜିଲ୍ଲା: ଢେଙ୍କାନାଳ** **ତହସିଲ: ଢେଙ୍କାନାଳ**

| ଗ୍ରାମର ନାମ | ଗ୍ରାମୀଣ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ବାରବାଙ୍କ | ଗ୍ରାମାଞ୍ଚଳ | ୬ | ୧୨୦ | ତଇଲା-୧ | ୦.୦୯୦ | ୦.୦୩୫ | ଅନିରୁଦ୍ଧ ରଣା, ବାଇଧର ରଣା, ପି: ନୀଳ ରଣା, ଜା: କୁମ୍ଭାର, ବା: ଗୋବିନ୍ଦପୁର |
| ବାରବାଙ୍କ | ଗ୍ରାମାଞ୍ଚଳ | ୭ | ୨୧ | ଶାରଦ-୧ | ୦.୦୮୦ | ୦.୦୮୦ | ଆର୍ତ୍ତତ୍ରାଣ ତ୍ରିପାଠୀ, ଶରତ କୁମାର ତ୍ରିପାଠୀ, ଭରତ କୁମାର ତ୍ରିପାଠୀ, ସୁମନ୍ତ କୁମାର ତ୍ରିପାଠୀ, ସୁମିତ୍ରା ତ୍ରିପାଠୀ, ସୁଷମା ତ୍ରିପାଠୀ, ପି: ପ୍ରଭାକର ତ୍ରିପାଠୀ, ଗେହ୍ଲା ତ୍ରିପାଠୀ, ସ୍ୱା: ପ୍ରଭାକର ତ୍ରିପାଠୀ, ଜା: ବ୍ରାହ୍ମଣ, ବା: କାଠଗଡ଼ା |
| ବାରବାଙ୍କ | ଗ୍ରାମାଞ୍ଚଳ | ୭ | ୩୭ | ଶାରଦ-୧/୬ | ୦.୫୫୦ | ୦.୧୭୦ | ଆର୍ତ୍ତତ୍ରାଣ ତ୍ରିପାଠୀ, ଶରତ କୁମାର ତ୍ରିପାଠୀ, ଭରତ କୁମାର ତ୍ରିପାଠୀ, ସୁମନ୍ତ କୁମାର ତ୍ରିପାଠୀ, ସୁମିତ୍ରା ତ୍ରିପାଠୀ, ସୁଷମା ତ୍ରିପାଠୀ, ପି: ପ୍ରଭାକର ତ୍ରିପାଠୀ, ଗେହ୍ଲା ତ୍ରିପାଠୀ, ସ୍ୱା: ପ୍ରଭାକର ତ୍ରିପାଠୀ, ଜା: ବ୍ରାହ୍ମଣ, ବା: କାଠଗଡ଼ା |
| ବାରବାଙ୍କ | ଗ୍ରାମାଞ୍ଚଳ | ୧୩ | ୨୪୭ | ଶାରଦ-୧ | ୦.୦୯୦ | ୦.୦୩୦ | କୁଳମଣି ସାହୁ, ପି: ନାରଣ ସାହୁ, ଜା: ସୁଣ୍ଡି, ବା: ଗୋବିନ୍ଦପୁର |
| ବାରବାଙ୍କ | ଗ୍ରାମାଞ୍ଚଳ | ୧୪ | ୫୩ | ଶାରଦ-୧ | ୦.୨୯୦ | ୦.୦୬୦ | କୃଷ୍ଣଚନ୍ଦ୍ର ମିଶ୍ର, ପି: ବେଣୁଧର ମିଶ୍ର, ଜା: ବ୍ରାହ୍ମଣ, ବା: ଅମଲାପଡ଼ା, ଢେଙ୍କାନାଳ ଟାଉନ |
| ବାରବାଙ୍କ | ଗ୍ରାମାଞ୍ଚଳ | ୧୬ | ୩୦୭ | ପତିତ | ୦.୦୬୦ | ୦.୦୬୦ | ଗତି ଜେନା, ପି: ଜଗନ୍ନାଥ ଜେନା, ଜା: ଖଣ୍ଡାୟତ, ବା: କୁବୁଲି ଟାଉନ, ଢେଙ୍କାନାଳ |
| ବାରବାଙ୍କ | ଗ୍ରାମାଞ୍ଚଳ | ୨୨ | ୨୨ | ଶାରଦ-୧/୨୪ | ୧.୦୭୦ | ୦.୩୩୦ | ଜୟକୃଷ୍ଣ ପାତ୍ର, ପି: ବୃନ୍ଦାବନ ପାତ୍ର, ଜା: ଖଣ୍ଡାୟତ, ବା: ଲକ୍ଷ୍ମୀବଜାର, ଢେଙ୍କାନାଳ ଟାଉନ |
| ବାରବାଙ୍କ | ଗ୍ରାମାଞ୍ଚଳ | ୨୯ | ୧୧୭ | ତଇଲା-୧ | ୦.୩୨୦ | ୦.୧୬୦ | ଯୋଗୀ ରଣା, ବୈରାଗୀ ରଣା, ପଦ୍ମଲାଭ ରଣା, ଭିକାରି ରଣା, ପି: ଅପର୍ତ୍ତି ରଣା, ଜା: କୁମ୍ଭାର, ବା: ଗୋବିନ୍ଦପୁର |
| ବାରବାଙ୍କ | ଗ୍ରାମାଞ୍ଚଳ | ୩୬ | ୪୧ | ଶାରଦ-୧/୮ | ୨.୧୮୦ | ୦.୦୧୫ | ନନ୍ଦକିଶୋର ମିଶ୍ର, ନବକିଶୋର ମିଶ୍ର, କିଶୋର ଚନ୍ଦ୍ର ମିଶ୍ର, ଉଷା ମିଶ୍ର, ପି: ଦାମୋଦର ମିଶ୍ର, ଛାୟା ମିଶ୍ର, ସ୍ୱା: ଦାମୋଦର ମିଶ୍ର, ଜା: ବ୍ରାହ୍ମଣ, ବା: ଢେଙ୍କାନାଳ ଟାଉନ |
| ବାରବାଙ୍କ | ଗ୍ରାମାଞ୍ଚଳ | ୩୯ | ୭ | ଶାରଦ-୧/୩ | ୧୩ | ୦.୨୩୫ | ନାଥ ଦେହୁରୀ, ଚେମା ଦେହୁରୀ, ଯୋଗୀ ଦେହୁରୀ, ମହେଶ୍ୱର ଦେହୁରୀ, ଜୟକୃଷ୍ଣ ଦେହୁରୀ, ପି: ହରି ଦେହୁରୀ, ଜା: ସଅର, ବା: ନିଜଗାଁ |
| ବାରବାଙ୍କ | ଗ୍ରାମାଞ୍ଚଳ | ୪୧ | ୩୫୬ (୩୦୨/ ୩୫୬) | ଶାରଦ-୧ | ୦.୧୯୦ | ୦.୦୫୮ | ନିଶାମଣି ସାହୁ, ସ୍ୱା: ଇନ୍ଦ୍ରମଣି ସାହୁ, ଜା: ଶୁଣ୍ଢି, ବା: ଗୋବିନ୍ଦପୁର |
| ବାରବାଙ୍କ | ଗ୍ରାମାଞ୍ଚଳ | ୪୩ | ୩୧୭ | ଶାରଦ-୧ | ୦.୧୭୦ | ୦.୦୬୭ | ପଙ୍କଜିନୀ ନନ୍ଦ, ପି: ଲଳିତ ମୋହନ ନନ୍ଦ, ଜା: ବ୍ରାହ୍ମଣ, ବା: ଢେଙ୍କାନାଳ |
| ବାରବାଙ୍କ | ଗ୍ରାମାଞ୍ଚଳ | ୫୪ | ୧୧୮ | ଶାରଦ-୧/୩ | ୦.୩୬୦ | ୦.୧୦୫ | ବଂଶୀଧର ରଣା, ପି: ଭାଇଗ ରଣା, ଜା: କୁମ୍ଭାର, ବା: ଗୋବିନ୍ଦପୁର |
| ବାରବାଙ୍କ | ଗ୍ରାମାଞ୍ଚଳ | ୫୪ | ୧୧୯ | ଶାରଦ-୧ | ୦.୧୬୦ | ୦.୦୮୦ | ବଂଶୀଧର ରଣା, ପି: ଭାଇଗ ରଣା, ଜା: କୁମ୍ଭାର, ବା: ଗୋବିନ୍ଦପୁର |
| ବାରବାଙ୍କ | ଗ୍ରାମାଞ୍ଚଳ | ୫୬ | ୨୩୫ | ଶାରଦ-୧ | ୦.୨୦୦ | ୦.୧୦୫ | ବ୍ରଜବନ୍ଧୁ ମୁଦୁଲି, ସଚ୍ଚିଦାନନ୍ଦ ମୁଦୁଲି, ପି: ଅଇଁଠୁ ମୁଦୁଲି, ଜା: କୁମ୍ଭାର, ବା: ଗୋବିନ୍ଦପୁର |
| ବାରବାଙ୍କ | ଗ୍ରାମାଞ୍ଚଳ | ୫୬ | ୩୭୬ (୨୩୬/ ୩୭୬) | ଶାରଦ-୧ | ୦.୦୮୦ | ୦.୦୪୦ | ବ୍ରଜବନ୍ଧୁ ମୁଦୁଲି, ସଚ୍ଚିଦାନନ୍ଦ ମୁଦୁଲି, ପି: ଅଇଁଠୁ ମୁଦୁଲି, ଜା: କୁମ୍ଭାର, ବା: ଗୋବିନ୍ଦପୁର |
| ବାରବାଙ୍କ | ଗ୍ରାମାଞ୍ଚଳ | ୬୩ | ୩୨୦ | ଶାରଦ-୧ | ୦.୪୪୦ | ୦.୦୬୦ | ଭ୍ରମରବର ସାହୁ, କୁମରବର ସାହୁ, ରତ୍ନାକର ସାହୁ, ପି: ମନୁ ସାହୁ, ଧନି ସାହୁ, ପି: ଚୈତନ୍ୟ ସାହୁ, ଜା: ଶୁଣ୍ଢି, ବା: ଗୋବିନ୍ଦପୁର |
| ବାରବାଙ୍କ | ଗ୍ରାମାଞ୍ଚଳ | ୬୩ | ୩୨୩ | ଶାରଦ-୧ | ୦.୪୦୦ | ୦.୦୯୦ | ଭ୍ରମରବର ସାହୁ, କୁମରବର ସାହୁ, ରତ୍ନାକର ସାହୁ, ପି: ମନୁ ସାହୁ, ଧନି ସାହୁ, ପି: ଚୈତନ୍ୟ ସାହୁ, ଜା: ଶୁଣ୍ଢି, ବା: ଗୋବିନ୍ଦପୁର |
| ବାରବାଙ୍କ | ଗ୍ରାମାଞ୍ଚଳ | ୬୩ | ୩୨୫ | ଶାରଦ-୧ | ୦.୧୨୦ | ୦.୦୬୫ | ଭ୍ରମରବର ସାହୁ, କୁମରବର ସାହୁ, ରତ୍ନାକର ସାହୁ, ପି: ମନୁ ସାହୁ, ଧନି ସାହୁ, ପି: ଚୈତନ୍ୟ ସାହୁ, ଜା: ଶୁଣ୍ଢି, ବା: ଗୋବିନ୍ଦପୁର |
| ବାରବାଙ୍କ | ଗ୍ରାମାଞ୍ଚଳ | ୬୩ | ୩୨୬ | ଶାରଦ-୧ | ୦.୦୮୦ | ୦.୦୫୫ | ଭ୍ରମରବର ସାହୁ, କୁମରବର ସାହୁ, ରତ୍ନାକର ସାହୁ, ପି: ମନୁ ସାହୁ, ଧନି ସାହୁ, ପି: ଚୈତନ୍ୟ ସାହୁ, ଜା: ଶୁଣ୍ଢି, ବା: ଗୋବିନ୍ଦପୁର |
| ବାରବାଙ୍କ | ଗ୍ରାମାଞ୍ଚଳ | ୬୬ | ୨୭୯ | ଶାରଦ-୩ | ୦.୪୫୦ | ୦.୪୦୦ | ଭାସ୍କର ରଣା, ଶିଖର ରଣା, ଈଶ୍ୱର ରଣା, ମହେଶ୍ୱର ରଣା, ପି: ଅନିରୁଦ୍ଧ ରଣା, ଜା: କୁମ୍ଭାର, ବା: ଗୋବିନ୍ଦପୁର |
| ବାରବାଙ୍କ | ଗ୍ରାମାଞ୍ଚଳ | ୬୬ | ୨୮୪ | ଶାରଦ-୩/୧୬ | ୧.୨୩୦ | ୦.୨୨୨ | ଭାସ୍କର ରଣା, ଶିଖର ରଣା, ଈଶ୍ୱର ରଣା, ମହେଶ୍ୱର ରଣା, ପି: ଅନିରୁଦ୍ଧ ରଣା, ଜା: କୁମ୍ଭାର, ବା: ଗୋବିନ୍ଦପୁର |
| ବାରବାଙ୍କ | ଗ୍ରାମାଞ୍ଚଳ | ୬୭ | ୨୪୬ | ଶାରଦ-୧ | ୦.୦୮୦ | ୦.୦୧୬ | ଭାସ୍କର ସାହୁ, ପ୍ରଭାକର ସାହୁ, ଦିବାକର ସାହୁ, ମହେଶ୍ୱର ସାହୁ, ପ୍ରମିଳା ସାହୁ, ରମା ସାହୁ, କାମିନୀ ସାହୁ, ପ୍ରତିମା ସାହୁ, ଉମା ସାହୁ, ପି: ଅନର୍ଥ ସାହୁ, ରଙ୍ଗ ସାହୁ, ଅନର୍ଥ ସାହୁ, ଜା: ଶୁଣ୍ଢି, ବା: ଗୋବିନ୍ଦପୁର |
| ବାରବାଙ୍କ | ଗ୍ରାମାଞ୍ଚଳ | ୮୨ | ୩୨୧ | ଶାରଦ-୧ | ୦.୪୬୦ | ୦.୦୯୦ | ରସା ସାହୁ, ସ୍ୱା: ଗଙ୍ଗାଧର ସାହୁ, ଜା: ଶୁଣ୍ଢି, ବା: ଗୋବିନ୍ଦପୁର |
| ବାରବାଙ୍କ | ଗ୍ରାମାଞ୍ଚଳ | ୮୩ | ୩୧୮ | ଶାରଦ-୧ | ୦.୧୨୦ | ୦.୦୮୧ | ଲକ୍ଷ୍ମୀ ରାଉତ, ସ୍ୱା: ଭଗବାନ ରାଉତ, ଜା: ଖଣ୍ଡାୟତ, ବା: ଗୋବିନ୍ଦପୁର |
| ବାରବାଙ୍କ | ଗ୍ରାମାଞ୍ଚଳ | ୯୧ | ୨୫୨ | ପତିତ | ୦.୦୪୦ | ୦.୦୪୦ | ସଦାଶିବ ସାହୁ, ଶତ୍ରୁଘନ ସାହୁ, ସତ୍ୟଭାମା ସାହୁ, ରେବତୀ ସାହୁ, ଅବନ୍ତୀ ସାହୁ, ପି: ସୁରେନ୍ଦ୍ର ସାହୁ, ଗୌରୀ ସାହୁ, ସ୍ୱା: ସୁରେନ୍ଦ୍ର ସାହୁ, ଜା: ଶୁଣ୍ଢି, ବା: ଗୋବିନ୍ଦପୁର |
| ବାରବାଙ୍କ | ଗ୍ରାମାଞ୍ଚଳ | ୯୧ | ୨୮୦ | ଶାରଦ-୩ | ୦.୦୨୦ | ୦.୦୨୦ | ସଦାଶିବ ସାହୁ, ଶତ୍ରୁଘନ ସାହୁ, ସତ୍ୟଭାମା ସାହୁ, ରେବତୀ ସାହୁ, ଅବନ୍ତୀ ସାହୁ, ପି: ସୁରେନ୍ଦ୍ର ସାହୁ, ଗୌରୀ ସାହୁ, ସ୍ୱା: ସୁରେନ୍ଦ୍ର ସାହୁ, ଜା: ଶୁଣ୍ଢି, ବା: ଗୋବିନ୍ଦପୁର |
| ବାରବାଙ୍କ | ଗ୍ରାମାଞ୍ଚଳ | ୯୧ | ୨୮୧ | ବଗାୟତ-୨ | ୦.୧୫୦ | ୦.୧୫୦ | ସଦାଶିବ ସାହୁ, ଶତ୍ରୁଘନ ସାହୁ, ସତ୍ୟଭାମା ସାହୁ, ରେବତୀ ସାହୁ, ଅବନ୍ତୀ ସାହୁ, ପି: ସୁରେନ୍ଦ୍ର ସାହୁ, ଗୌରୀ ସାହୁ, ସ୍ୱା: ସୁରେନ୍ଦ୍ର ସାହୁ, ଜା: ଶୁଣ୍ଢି, ବା: ଗୋବିନ୍ଦପୁର |
| | | ୯୧ | ୨୮୨ | ଶାରଦ-୩ | ୦.୧୦୦ | ୦.୧୦୦ | ସଦାଶିବ ସାହୁ, ଶତ୍ରୁଘନ ସାହୁ, ସତ୍ୟଭାମା ସାହୁ, ରେବତୀ ସାହୁ, ଅବନ୍ତୀ ସାହୁ, ପି: ସୁରେନ୍ଦ୍ର ସାହୁ, ଗୌରୀ ସାହୁ, ସ୍ୱା: ସୁରେନ୍ଦ୍ର ସାହୁ, ଜା: ଶୁଣ୍ଢି, ବା: ଗୋବିନ୍ଦପୁର |
| ବାରବାଙ୍କ | ଗ୍ରାମାଞ୍ଚଳ | ୯୧ | ୩୧୧ | ଶାରଦ-୧ | ୦.୩୬୦ | ୦.୧୩୦ | ସଦାଶିବ ସାହୁ, ଶତ୍ରୁଘନ ସାହୁ, ସତ୍ୟଭାମା ସାହୁ, ରେବତୀ ସାହୁ, ଅବନ୍ତୀ ସାହୁ, ପି: ସୁରେନ୍ଦ୍ର ସାହୁ, ଗୌରୀ ସାହୁ, ସ୍ୱା: ସୁରେନ୍ଦ୍ର ସାହୁ, ଜା: ଶୁଣ୍ଢି, ବା: ଗୋବିନ୍ଦପୁର |
| ବାରବାଙ୍କ | ଗ୍ରାମାଞ୍ଚଳ | ୯୫ | ୨୩୬ | ଶାରଦ-୧ | ୦.୦୭୦ | ୦.୦୬୦ | ଶିଖର ସାହୁ, ନୀଳମଣି ସାହୁ, ଇନ୍ଦ୍ରମଣି ସାହୁ, ପ୍ରଫୁଲ୍ଲ କୁମାର ସାହୁ, ରାଧା ସାହୁ, ଦୁତୀ ସାହୁ, ହାଡ଼ିଆଣୀ ସାହୁ, ପି: ଅନନ୍ତ ସାହୁ, ଶୌରୀ ସାହୁ, ସ୍ୱା: ଅନନ୍ତ ସାହୁ, ଜା: ଶୁଣ୍ଢି, ବା: ଗୋବିନ୍ଦପୁର |
| ବାରବାଙ୍କ | ଗ୍ରାମାଞ୍ଚଳ | ୯୫ | ୨୪୮ | ଶାରଦ-୧ | ୦.୨୮୦ | ୦.୧୪୦ | ଶିଖର ସାହୁ, ନିଳମଣି ସାହୁ, ଇନ୍ଦ୍ରମଣି ସାହୁ, ପ୍ରଫୁଲ୍ଲ କୁମାର ସାହୁ, ରାଧା ସାହୁ, ଦୁତୀ ସାହୁ, ହାଡ଼ିଆଣୀ ସାହୁ, ପି: ଅନନ୍ତ ସାହୁ, ଶୌରୀ ସାହୁ, ସ୍ୱା: ଅନନ୍ତ ସାହୁ, ଜା: ଶୁଣ୍ଢି, ବା: ଗୋବିନ୍ଦପୁର |
| ବାରବାଙ୍କ | ଗ୍ରାମାଞ୍ଚଳ | ୯୫ | ୩୦୧ | ପତିତ | ୦.୨୫୦ | ୦.୨୫୦ | ଶିଖର ସାହୁ, ନୀଳମଣି ସାହୁ, ଇନ୍ଦ୍ରମଣି ସାହୁ, ପ୍ରଫୁଲ୍ଲ କୁମାର ସାହୁ, ରାଧା ସାହୁ, ଦୁତୀ ସାହୁ, ହାଡ଼ିଆଣୀ ସାହୁ, ପି: ଅନନ୍ତ ସାହୁ, ଶୌରୀ ସାହୁ, ସ୍ୱା: ଅନନ୍ତ ସାହୁ, ଜା: ଶୁଣ୍ଢି, ବା: ଗୋବିନ୍ଦପୁର |
| ବାରବାଙ୍କ | ଗ୍ରାମାଞ୍ଚଳ | ୯୫ | ୩୬୧ (୩୦୦/ ୩୬୧) | ଶାରଦ-୨ | ୦.୧୦୦ | ୦.୦୫୪ | ଶିଖର ସାହୁ, ନୀଳମଣି ସାହୁ, ଇନ୍ଦ୍ରମଣି ସାହୁ, ପ୍ରଫୁଲ୍ଲ କୁମାର ସାହୁ, ରାଧା ସାହୁ, ଦୁତୀ ସାହୁ, ହାଡ଼ିଆଣୀ ସାହୁ, ପି: ଅନନ୍ତ ସାହୁ, ଶୌରୀ ସାହୁ, ସ୍ୱା: ଅନନ୍ତ ସାହୁ, ଜା: ଶୁଣ୍ଢି, ବା: ଗୋବିନ୍ଦପୁର |
| ବାରବାଙ୍କ | ଗ୍ରାମାଞ୍ଚଳ | ୯୫ | ୨୯୯ | ଶାରଦ-୧ | ୦.୪୮୦ | ୦.୧୨୦ | ଶିଖର ସାହୁ, ନୀଳମଣି ସାହୁ, ଇନ୍ଦ୍ରମଣି ସାହୁ, ପ୍ରଫୁଲ୍ଲ କୁମାର ସାହୁ, ରାଧା ସାହୁ, ଦୁତୀ ସାହୁ, ହାଡ଼ିଆଣୀ ସାହୁ, ପି: ଅନନ୍ତ ସାହୁ, ଶୌରୀ ସାହୁ, ସ୍ୱା: ଅନନ୍ତ ସାହୁ, ଜା: ଶୁଣ୍ଢି, ବା: ଗୋବିନ୍ଦପୁର |
| ବାରବାଙ୍କ | ଗ୍ରାମାଞ୍ଚଳ | ୯୫ | ୩୦୬ | ପତିତ | ୦.୦୬୦ | ୦.୦୬୦ | ଶିଖର ସାହୁ, ନୀଳମଣି ସାହୁ, ଇନ୍ଦ୍ରମଣି ସାହୁ, ପ୍ରଫୁଲ୍ଲ କୁମାର ସାହୁ, ରାଧା ସାହୁ, ଦୁତୀ ସାହୁ, ହାଡ଼ିଆଣୀ ସାହୁ, ପି: ଅନନ୍ତ ସାହୁ, ଶୌରୀ ସାହୁ, ସ୍ୱା: ଅନନ୍ତ ସାହୁ, ଜା: ଶୁଣ୍ଢି, ବା: ଗୋବିନ୍ଦପୁର |
| ବାରବାଙ୍କ | ଗ୍ରାମାଞ୍ଚଳ | ୧୦୨ | ୯ | ଘରବାରି | ୦.୧୧୦ | ୦.୦୨୦ | ହରେକୃଷ୍ଣ ଦାସ, ବିଷ୍ଣୁ ଚରଣ ଦାସ, ବସନ୍ତ କୁମାର ଦାସ, ପି: ବାଞ୍ଛାନିଧି ଦାସ, ଜା: କରଣ, ବା: ନିଜଗାଁ |
| ବାରବାଙ୍କ | ଗ୍ରାମାଞ୍ଚଳ | ୧୦୨ | ୧୬ | ଶାରଦ-୧ | ୦.୦୨୦ | ୦.୦୨୦ | ହରେକୃଷ୍ଣ ଦାସ, ବିଷ୍ଣୁ ଚରଣ ଦାସ, ବସନ୍ତ କୁମାର ଦାସ, ପି: ବାଞ୍ଛାନିଧି ଦାସ, ଜା: କରଣ, ବା: ନିଜଗାଁ |
| ବାରବାଙ୍କ | ଗ୍ରାମାଞ୍ଚଳ | ୧୦୫ | ୨୫୯ | ବିଆଳି-୨ | ୦.୧୬୦ | ୦.୦୫୫ | ପିତେଇ ନାଏକ, ପି: ମଧୁ ନାଏକ, ଜା: ପାଣ, ବା: ବୋରାପଦା |
| ବାରବାଙ୍କ | ଗ୍ରାମାଞ୍ଚଳ | ୧୦୪/୨୨ | ୧୦୬ | ଶାରଦ-୧ | ୦.୮୨୦ | ୦.୩୪୦ | ବାସନ୍ତୀ ପଣ୍ଡା, ସ୍ୱା: ରମେଶ ଚନ୍ଦ୍ର ପଣ୍ଡା, ଜା: ବ୍ରାହ୍ମଣ, ବା: ଶୁଣ୍ଢିପାଳ |
| ବାରବାଙ୍କ | ଗ୍ରାମାଞ୍ଚଳ | ୧୦୪/୪୮ | ୩୫୯ (୩୦୦/ ୩୫୯) | ଶାରଦ-୨ | ୦.୧୫୦ | ୦.୦୪୦ | ଶେଷ ମହାପାତ୍ର, ପି: ଦୁର୍ଯ୍ୟୋଧନ ମହାପାତ୍ର, ଜା: ଖଣ୍ଡାୟତ, ବା: ଗୋବିନ୍ଦପୁର, ଥା: ସଦର, ଜି: ଢେଙ୍କାନାଳ |
| ବାରବାଙ୍କ | ଗ୍ରାମାଞ୍ଚଳ | ୧୦୪/୫୫ | ୧୭ | ଶାରଦ-୧ | ୨୧.୦୦୦ | ୦.୧୬୦ | ପ୍ରଭୁ ପ୍ରସାଦ ଦାଶ, ପି: ଗୋପୀନାଥ ଦାଶ, ଜା: ବ୍ରାହ୍ମଣ, ବା: ଢେଙ୍କାନାଳ ଟାଉନ, କୁଞ୍ଜକାନ୍ତ |
| ବାରବାଙ୍କ | ଗ୍ରାମାଞ୍ଚଳ | ୧୦୪/୫୬ | ୧୮ | ଶାରଦ-୧/୫ | ୦.୫୫୦ | ୦.୧୯୦ | ସାନ୍ତ୍ୱନା ମିଶ୍ର, ସ୍ୱା: ନରେନ୍ଦ୍ର କୁମାର ମିଶ୍ର, ଜା: ବ୍ରାହ୍ମଣ, ବା: ସୋମନାଥପୁର, ଜି: ଅନୁଗୁଳ |
| ବାରବାଙ୍କ | ଗ୍ରାମାଞ୍ଚଳ | ୧୦୪/୫୯ | ୩୮ | ଶାରଦ-୧ | ୦.୩୮୦ | ୦.୦୩୦ | ଉର୍ମିଳା ବିଶ୍ୱାଳ, ସ୍ୱା: ହିମାଂଶୁଶେଖର ମହାନ୍ତି, ଜ୍ୟୋସ୍ନାମୟୀ ନାୟକ, ସ୍ୱା: ଟଙ୍କଧର ବିଶ୍ୱାଳ, ଜା: ଖଣ୍ଡାୟତ, ବା: ଢେଙ୍କାନାଳ ଟାଉନ (ଅମଲାପଡ଼ା) |
| ବାରବାଙ୍କ | ଗ୍ରାମାଞ୍ଚଳ | ୧୦୪/୬ | ୪୨୦ | ଶାରଦ-୧ | ୦.୨୪୦ | ୦.୦୧୦ | ଶ୍ରୀ ଶ୍ରୀ ଭୋଳେଶ୍ୱର ମହାଦେବ ବିଜେ, ଗଉଡୁଣୀ ବେଡ଼ିଆ ମାର୍ଫତ ବା: ରଶ୍ମି ମିଶ୍ର, ସ୍ୱା: ରବୀନ୍ଦ୍ର କୁମାର ଦାସ, ଜା: ବ୍ରାହ୍ମଣ, ବା: ଢେଙ୍କାନାଳ ଟାଉନ ମୁକ୍ତାଦେଇପୁର ଶାସନ |
| ବାରବାଙ୍କ | ଗ୍ରାମାଞ୍ଚଳ | ୧୦୪/୬୦ | ୨୦ | ଶାରଦ-୧ | ୦.୩୬୦ | ୦.୦୯୦ | ପୁଷ୍ପାଞ୍ଜଳି ଜେନା, ପି: ବିଶ୍ୱନାଥ ଜେନା, ଜା: କ୍ଷତ୍ରିୟ, ବା: ଢେଙ୍କାନାଳ ଟାଉନ କୁଞ୍ଜକାନ୍ତ |
| ବାରବାଙ୍କ | ଗ୍ରାମାଞ୍ଚଳ | ୧୦୪/୬୩ | ୩୪୧ (୨୫୯/ ୩୪୧) | ବିଆଳି | ୦.୦୩୦ | ୦.୦୩୦ | ଈଶ୍ୱରଚନ୍ଦ୍ର ରଣା, ପି: ଅନିରୁଦ୍ଧ ରଣା, ଜା: କୁମ୍ଭାର, ବା: ଗୋବିନ୍ଦପୁର |
| ବାରବାଙ୍କ | ଗ୍ରାମାଞ୍ଚଳ | ୧୦୪/୭୦ | ୨୭୮ | ଶାରଦ-୩ | ୦.୦୩୦ | ୦.୦୧୫ | ମଙ୍ଗୁଳି ଚରଣ ରଣା, ଗଣେଶ୍ୱର ରଣା, ସିଦ୍ଧେଶ୍ୱର ରଣା, ପି: ଭାସ୍କର ରଣା, ବିଜୟ କୁମାର ରଣା, ପି: ଶିଖର ରଣା, ଈଶ୍ୱର ଚନ୍ଦ୍ର ରଣା, ମହେଶ୍ୱର ରଣା, ପି: ଅନିରୁଦ୍ଧ ରଣା, ଜା: କୁମ୍ଭାର, ବା: ଗୋବିନ୍ଦପୁର |
| ବାରବାଙ୍କ | ଗ୍ରାମାଞ୍ଚଳ | ୧୦୪/୭୫ | ୨୨/୩୪୯ | ଶାରଦ-୧ | ୦.୪୮୦ | ୦.୧୫୦ | ପ୍ରଫୁଲ୍ଲ କୁମାର ସାହୁ, ପି: ବଳଭଦ୍ର ସାହୁ, ସୋମନାଥ ସାହୁ, ପି: ଜାଇଗ ସାହୁ, ଜା: ତେଲି, ବା: ଢେଙ୍କାନାଳ ଟାଉନ ମାଣ୍ଡବାସାହି |
| ବାରବାଙ୍କ | ଗ୍ରାମାଞ୍ଚଳ | ୧୦୪/୮୦ | ୩୫୫ (୩୦୨/ ୩୫୬) | ଶାରଦ-୧ | ୦.୨୦୦ | ୦.୦୪୩ | ରତ୍ନାକର ବିଶ୍ୱାଳ, ପି: ବନମାଳୀ ବିଶ୍ୱାଳ, ଜା: ଖଣ୍ଡାୟତ, ବା: ତରଭା, ଥା: ସଦର |
| ବାରବାଙ୍କ | ଗ୍ରାମାଞ୍ଚଳ | ୧୦୪/୮୩ | ୩୬୦ (୩୦୦/ ୩୬୦) | ଶାରଦ-୨ | ୦.୨୦୦ | ୦.୦୫୦ | ନିଶାମଣି ପଟ୍ଟନାୟକ, ପି: ସୁଧୀର ପଟ୍ଟନାୟକ, ଜା: କରଣ, ବା: ଗୋବିନ୍ଦପୁର, ଥା: ସଦର |
| ବାରବାଙ୍କ | ଗ୍ରାମାଞ୍ଚଳ | | | | ମୋଟ | ୫.୦୭୬ | |

• ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ.................. ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

**ତଫସିଲ-ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

**ଜିଲ୍ଲା: ଢେଙ୍କାନାଳ** **ତହସିଲ: ଢେଙ୍କାନାଳ**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ | କିସମ | ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ.........................।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ, ଢେଙ୍କାନାଳ

24034/14/0045/1920

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ରବିବାର, ନଭେମ୍ବର ୩ /୨୦୧୯ Rayagada, Sunday, November 3/ 2019

## ସଂକ୍ଷେପରେ

### ସମିତିସଭ୍ୟ ଉପନିର୍ବାଚନ ୩ ନାମାଙ୍କନ ପତ୍ର ଦାଖଲ

**ଡାବୁଗାଁ, ୨।୧୧ (ଡି.ଏନ.ଏ.)-** ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ଜବାଗୁଡା ପଞ୍ଚାୟତର ସମିତିସଭ୍ୟ ଉପନିର୍ବାଚନ ନିମନ୍ତେ ଶନିବାର ନାମାଙ୍କନ ପତ୍ରର ଶେଷ ଦିନ ସୁଦ୍ଧା ମୋଟ ୩ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ବିଡିଓଙ୍କ କାର୍ଯ୍ୟାଳୟରେ ୩୦ ତାରିଖରେ ସଦନ ଭତ୍ରା, ୧ରେ ଦାମୋଦର ଭତ୍ରା ଓ ୨ରେ ଜଳନ୍ଧର ପୂଜାରୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ୪ ତାରିଖରେ ନାମାଙ୍କନ ପତ୍ର ଯାଞ୍ଚ କରାଯିବ ।

### ଭାଜପା ପକ୍ଷରୁ ଗାନ୍ଧୀ ସଂକଳ୍ପ ପଦଯାତ୍ରା




**ତେନ୍ତୁଳିଖୁଣ୍ଟି, ୨।୧୧(ଡି.ଏନ.ଏ)-** ତେନ୍ତୁଳିଖୁଣ୍ଟି ବ୍ଲକ ଇନ୍ଦ୍ରାବତୀ ଜବାହର ନବୋଦୟ ବିଦ୍ୟାଳୟ ଠାରୁ ପରଜାବାରଙ୍ଗପଦର ପର୍ଯ୍ୟନ୍ତ ଭାଜପା ପକ୍ଷରୁ ଗାନ୍ଧୀ ସଂକଳ୍ପ ପଦଯାତ୍ରା ଅନୁଷ୍ଠିତ ହୋଇଛି। ନବରଙ୍ଗପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ଯୁବନେତା ଗୌରି ଶଙ୍କର ମାଝିଙ୍କ ନେତୃତ୍ୱରେ ଏହି ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ମହାତ୍ମା ଗାନ୍ଧୀଙ୍କ ଆଦର୍ଶ ଓ ତାଙ୍କ ଅହିଂସା ବାର୍ତ୍ତାକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ଏହାର ଉଦ୍ଦେଶ୍ୟ। ଏହି ପଦଯାତ୍ରାରେ ଜିଲା ଓବିସି ମୋର୍ଚ୍ଚାର ସଭାପତି ମନୋଜ ମହାକୁଡ, ଅଞ୍ଚଳଗୁମ୍ମା ଜୋନ ସଭାପତି ପର୍ଶୁରାମ ବିଶୋଇ, ତେନ୍ତୁଳିଖୁଣ୍ଟି ଜୋନ ସଭାପତି ସନ୍ତୋଷ ପାତ୍ର, ହରେକୃଷ୍ଣ ମୁଦୁଲି, ବାଲାଜୀ ଗଉଡ, ଧରିଣୀଧର ସିଂ, ରାଜେଶ ହରିଜନ ପ୍ରମୁଖ ଉପସ୍ଥିତ ଥିଲେ।

### ସାପ୍ତାହିକ ହାଟରେ ନକଲି ସାମଗ୍ରୀ

**ଚନ୍ଦାହାଣ୍ଡି, ୨।୧୧(ଡି.ଏନ.ଏ)-** ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ସାପ୍ତାହିକ ହାଟରେ ବିଭିନ୍ନ ପ୍ରକାର ନକଲି ସାମଗ୍ରୀ ବିକ୍ରି କରାଯାଉଛି। ଏହି ସାମଗ୍ରୀ ବ୍ୟବହାର କରି ଜନସାଧାରଣ ହଇରାଣ ହେଉଛନ୍ତି । ପ୍ରତ୍ୟେକ ପଞ୍ଚାୟତରେ ହେଉଥିବା ସାପ୍ତାହିକ ହାଟମାନଙ୍କରେ ଖୁଲମଖୁଲା ଭାବେ ଏପରି ନକଲି ସାମଗ୍ରୀ ବିକ୍ରି ହେଉଥିବାବେଳେ ପ୍ରଶାସନର ଦୃଷ୍ଟି ପଡୁନାହିଁ । ଚନ୍ଦାହାଣ୍ଡିରେ ମଙ୍ଗଳବାର ଏବଂ ଶନିବାର ସାପ୍ତାହିକ ହାଟରେ ଏପରି ନକଲି ସାମଗ୍ରୀ ବିକ୍ରୟ କରାଯାଉଥିବାବେଳେ ଖାଦ୍ୟ ନିରୀକ୍ଷକ ଅଧିକାରୀଙ୍କ କୌଣସି ଚଢାଉ କରୁ ନ ଥିବାରୁ ବେପାରିମାନେ ଏପରି ସାମଗ୍ରୀ ବିକ୍ରି କରି ମାଲାମାଲ ହେଉଛନ୍ତି। କୋଲକାତା ଏବଂ ରାୟପୁରରୁ ବିଭିନ୍ନ ପ୍ରକାର ନକଲି ଔଷଧ , ଖାଇବା ତେଲ, ବିଭିନ୍ନ ନାମୀଦାମୀ କମ୍ପାନୀର ନକିଲି ସାବୁନ, ଓ୍ୱାଶିଂ ପାଉଡର, କସମେଟିକ ସାମଗ୍ରୀ, ଅଟା, ବେସନ, ମସଲା ସାମଗ୍ରୀ, ଧୂପକାଠି, ନାମିଦାମୀ କମ୍ପାନୀର ନକଲ କରି ଆୟୁର୍ବେଦିକ ଔଷଧ ବିକ୍ରି କରାଯାଉଥିବା ଦେଖିବାକୁ ମିଳିଛି । ଚନ୍ଦାହାଣ୍ଡି ବ୍ଲକଟି ଉପାନ୍ତ ଏବଂ ଆଦିବାସୀ ଅଧୁଷିତ ଅଞ୍ଚଳ ହୋଇଥିବାରୁ ଏହାର ଫାଇଦା ବ୍ୟବସାୟୀ ଉଠାଉଛନ୍ତି। ତୁରନ୍ତ ଜିଲା ଫୁଡ ଇନ୍ସପେକ୍ଟର ଦୃଷ୍ଟି ଦେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି ।

### ବାଣ ଫୁଟାକୁ ନେଇ ଗଣ୍ଡଗୋଳ, ଜଣେ ଗିରଫ

**ବୁଗୁଡ଼ା, ୨।୧୧(ଡି.ଏନ.ଏ.)-** ବୁଗୁଡ଼ା ଥାନା ଚିଲିଖମାରେ ଗୋଟିଏ ପରିବାରର ସ୍ୱାମୀ ଓ ସ୍ତ୍ରୀଙ୍କୁ ଠେଲାପେଲା, ଟଣାଓଟରା ଓ ଧମକ ଦେବା ଅଭିଯୋଗରେ ବୁଗୁଡ଼ା ପୋଲିସ ଶନିବାର ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଗିରଫ ଜଣକ ହେଲେ ଚିଲିଖମା ଗ୍ରାମର ରମେଶ ନାୟକ। ଏନେଇ ବୁଗୁଡ଼ା ଥାନାରେ ନଂ. ୨୪୧/୧୯ରେ ଏକ ମାମଲା ରୁଜୁ ହୋଇଥିଲା। ପ୍ରକାଶ ଯେ, ଗତ ରବିବାର ଅର୍ଥାତ୍ ଦୀପାବଳି ଦିନ ରମେଶ ନାୟକ ତାଙ୍କ ଗ୍ରାମର କେଶବ ନାୟକଙ୍କ ଘର ଆଗରେ ବାଣ ଫୁଟାଇଥିଲେ। ଘର ଆଗର ରମେଶ ବାଣ ବାରମ୍ବାର ଫୁଟାଇବା ଯୋଗୁ କେଶବ ତାଙ୍କୁ ବାରଣ କରିଥିଲେ। କିନ୍ତୁ ରମେଶ ଏହାକୁ ନ ମାନି କେଶବ ଓ ତାଙ୍କ ସ୍ତ୍ରୀଙ୍କୁ ଗାଳିଗୁଲଜ ସହ ଠେଲାପେଲା ଓ ଟଣାଓଟରା କରିଥିଲେ । ଏପରିକି ଘରୁ ବାହାରିବାକୁ ମଧ କେଶବ ପରିବାର ଡ଼ରିଯାଇଥିଲେ। ଶେଷରେ କେଶବଙ୍କ ସ୍ତ୍ରୀ ରେଣୁ ନାୟକ ଗୁରୁବାର ଏନେଇ ବୁଗୁଡ଼ା ଥାନାରେ ଅଭିଯୋଗ କରିଥିଲେ ।

# ବୈଜ୍ଞାନିକ ପଦ୍ଧତିରେ ମାଛଚାଷ ସମ୍ବନ୍ଧୀୟ କର୍ମଶାଳା

**ନବରଙ୍ଗପୁର,୨।୧୧(ବି.ପ୍ର)**


ଜିଲାପାଳ ଚାଷୀଙ୍କୁ ମାଛ ଯାଆଁଳ ପ୍ରଦାନ କରୁଛନ୍ତି ।

ସ୍ଥାନୀୟ ମିଶନ ଶକ୍ତି ହଲ ଠାରେ ମଧୁର ଜଳ ମତ୍ସ୍ୟ ଗବେଷଣା ସଂସ୍ଥା ସିଫା ପକ୍ଷରୁ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାରେ ମାଛ ଚାଷର ବିକାଶକୁ ଅଧିକ ଦୃଢିଭୂତ କରିବା ଦିଗରେ ଜ୍ଞାନ କୌଶଳ ସମ୍ବନ୍ଧିୟ ତାଲିମ ପ୍ରଦାନ କରାଯାଇଥିଲା । ମୁଖ୍ୟ ଅତିଥି ଜିଲାପାଳ ଅଜିତ କୁମାର ମିଶ୍ର ଯୋଗ ଦେଇ ଜିଲାର ୮ ହଜାର ୪୨୮ ପୋଖରୀରେ ମାଛଚାଷ କରାଯାଇ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସାମିଲ କରି ସେମାନଙ୍କ ଆର୍ଥିକ ଉନ୍ନତି ଦିଗରେ ପ୍ରୟାସ କରାଯାଉଛି ବୋଲି କହିଥିଲେ । ମାଛ ଉତ୍ପାଦନ ବୃଦ୍ଧି ସହ ବିକ୍ରିର ବଜାର ବ୍ୟବସ୍ଥା ଦିଗରେ କାର୍ଯ୍ୟ କରାଯିବ ବୋଲି କହିଥିଲେ । ସିଫାର ପ୍ରମୂଖ ବୈଜ୍ଞାନିକ ଡ. ସୁଧାଂଶୁ ମିଶ୍ର ମାଛର ସ୍ୱାସ୍ଥ୍ୟ ସମ୍ବନ୍ଧିୟ ଜ୍ଞାନ ରହିଲେ ଉତ୍ପାଦନ ବୃଦ୍ଧି ପାଇ ପାରିବ ବୋଲି ମତ ବ୍ୟକ୍ତ କରିଥିଲେ । ସିଫାର ବୈଜ୍ଞାନିକ ଡ. ନାଗେଶ କୁମାର ବାରିକ ମାଛ ଚାଷ ଦ୍ୱାରା ନବରଙ୍ଗପୁର ଜିଲାରେ ଆସନ୍ତା ଏପ୍ରିଲ ସୁଦ୍ଧା ୨ଶହ ଏକରରେ ଯାଆଁଳା ଉତ୍ପାଦନ ହୋଇ ପାରିବ । ଏହା ସହ ୧୦ ହଜାର ଦିନର କର୍ମଦିନ ବାହାରି ପାରିବ । ପ୍ରାୟ ୧. ୫ କୋଟି ଟଙ୍କାର ମାଛ ଉତ୍ପାଦନ ହୋଇ ପାରିବ ବୋଲି ମତ ବ୍ୟକ୍ତ କରିଥିଲେ । ଏହି କର୍ମଶାଳାର ମୁଖ୍ୟ ବୈଜ୍ଞାନିକ ସନ୍ତୋଷ ମିଶ୍ର, ଡ. ସତ୍ୟଜିତ ରଥ, ନୋଡାଲ ଅଫିସର ଆନନ୍ଦ ରାଓ, ଏପିଡି ଉମା ମହେଶ, ଜିଲା ମତ୍ସ୍ୟ ଅଧିକାରୀ କୁଅଁର ମାରାଣ୍ଡି, ସିଡିଭିଓ ଡାକ୍ତର ନାରାୟଣ ବେହେରା, ସଂଯୋଜକ ଲକ୍ଷ୍ମୀ ନାରାୟଣ ବକ୍ସି ସମେତ ଜିଲା ୧୦ରୁ ଉର୍ଦ୍ଧ ମାଛ ଚାଷୀ ଉପସ୍ଥିତ ଥିଲେ । ଭୁବନେଶ୍ୱରରୁ ଯାଆଁଳ ଅଣାଯାଇ ନବରଙ୍ଗପୁର ଅଧୀନ ତାରାଗାଁରେ ରଖାଯାଇଥିବା ପୋଖରୀରୁ ଚାଷୀଙ୍କୁ ଜିଲାପାଳ ଜାଅଁଳ ପ୍ରଦାନ କରଇଥିଲେ । ଜିଲାରେ ଚଳିତ ବର୍ଷ ୪ ଲକ୍ଷ ଜାଅଁଳ ଛଡାଯିବ । ୩୩୦ ଜଣ ଚାଷୀଙ୍କୁ ପ୍ରଶିକ୍ଷଣ ଦିଆଯିବ । ଉନ୍ନତ ଧରଣର ୯ ପ୍ରକାର ମାଛ ଜାଅଁଳ ଜୟନ୍ତୀ ରୋହି, କାତଲା ଭାକୁର, ମିରକାଳି, ଗ୍ରାସକାର୍ବ, କମନ କାରବେ ଇତ୍ୟାଦି ମାଛ ଜାଅଁଳ ଛଡା ଯାଉଛି । ଜିଲାର କର୍ଣ୍ଣମାଳ, କୁସୁମଝରେ, କପୁର ହ୍ୟାମ, ତାରାଗାଁ, ଓ ଉମରରକୋଟର ୟୁଭି-୨ ମାଛ ଯାଆଁଳା କେନ୍ଦ୍ର କରାଯାଉଥିବା ସୂଚନା ଦେଇଥିଇଲେ।

- ୮,୪୨୮ ପୋଖରୀରେ କରାଯିବ ମାଛଚାଷ
- ୪ ଲକ୍ଷ ଯାଆଁଳ ଛଡାଯିବ
- ୩୩୦ ଚାଷୀଙ୍କୁ ଦିଆଯିବ ପ୍ରଶିକ୍ଷଣ

# ଲୋକଙ୍କ ମାନସିକତାରେ ପରିବର୍ତ୍ତନ ହେଲେ ଦୁର୍ନୀତି ଲୋପ ପାଇବ

**ଚନ୍ଦାହାଣ୍ଡି,୨।୧୧(ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ପାନାବେଡ଼ା ହାଇସ୍କୁଲଠାରେ ଶୁକ୍ରବାର ଦୁର୍ନୀତି ନିବାରଣ ସପ୍ତାହ ପାଳିତ ହୋଇଛି । ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଶରତ ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୧୫ ବିଏନ୍ ବିଏସ୍ଏଫ୍ ପକ୍ଷରୁ କମାଣ୍ଡାଣ୍ଟ ପ୍ରଦୀପ କୁମାର, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଦାସରଥି ପାଢ଼ୀ ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷକମାନେ ଯୋଗଦେଇଥିଲେ । ପ୍ରତ୍ୟେକ ବ୍ୟକ୍ତି ନିଜର ମାନସିକତାକୁ ପରିବର୍ତ୍ତନ କରି ଦୁର୍ନୀତିକୁ ପ୍ରଶୟ ନ ଦେଲେ ଆପେ ଆପେ ଦୁର୍ନୀତି ଲୋପ ପାଇଯିବ ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏଥିପୂର୍ବରୁ ଏକ ସଚେତନତା ସଭା କରାଯାଇ ସହର ପରିକ୍ରମା କରାଯାଇଥିଲା । ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କୁ ବିଦ୍ୟାଳୟରେ ଦୁର୍ନୀତି ନିବାରଣ ସମ୍ପର୍କିତ ଭିଡିଓ ପ୍ରଦର୍ଶନ କରାଯାଇଥିଲା । ପରେ ଛାତ୍ରୀଛାତ୍ରମାନେ ଦୁର୍ନୀତୀ ନ କରିବାକୁ ଶପଥ ନେଇଥିଲେ । ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା ।


ଜଣେ ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି ।

# କୃଷି ଯନ୍ତ୍ରପାତି ରିହାତିରେ ହ୍ରାସକୁ ନେଇ ଚାଷୀ ଅସନ୍ତୁଷ୍ଟ

## ଜିଲାପାଳଙ୍କୁ ଦେଲେ ଦାବିପତ୍ର

**ନବରଙ୍ଗପୁର,୨।୧୧(ବି.ପ୍ର.)**

କୃଷି ଯନ୍ତ୍ରପାତିରେ ରିହାତି ହ୍ରାସକୁ ନେଇ ଚାଷୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହାକୁ ପ୍ରତ୍ୟାହାର କରିବା ପାଇଁ କୃଷି ନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଅଜିତ କୁମାର ମିଶ୍ରଙ୍କୁ ନନ୍ଦାହାଣ୍ଡି ବ୍ଲକର ଶତାଧିକ ଚାଷୀ ଦାବିପତ୍ର ପ୍ରଦାନ କରିଛନ୍ତି । ନୂତନ ଯନ୍ତ୍ରପାତି ବ୍ୟବହାର କରି ଚାଷୀ ଏବେ ଚାଷ କାର୍ଯ୍ୟ କରି ଆସୁଛନ୍ତି । ଏବେ ଧାନ ଅମଳ ସମୟ । ଚାଷୀ ଧାନକଟା ଆରମ୍ଭ କରିଛି । ଟ୍ରାକ୍ଟର ଡିଲର ଓ ଏଗ୍ରୋ କାର୍ଯ୍ୟାଳୟକୁ ଯିବା ପରେ ଚାଷୀମାନଙ୍କୁ କୃଷି ବିଭାଗର ନୂଆ ନିୟମ ସମ୍ପର୍କରେ କୁହାଯାଉଛି। ଗତ ବର୍ଷ ଅପେକ୍ଷା ଚଳିତ ବର୍ଷ ରିହାତି ରାଶି କମିଯାଇଛି । ଏହା ଦ୍ୱାରା ଚାଷୀମାନେ କୃଷି ଯନ୍ତ୍ରପାତି କିଣିବାରେ ବହୁ ସମସ୍ୟା ଦେଖା ଦେଉଛି। ଚାଷୀମାନେ ବ୍ୟାଙ୍କ ଓ ସାହୁକାରଙ୍କ ଠାରୁ ଋଣ କରି ଚାଷ କରିଥିବା ବେଳେ ଏବେ କୃଷି ଯନ୍ତ୍ରପାତିରୁ ରିହାତି ହ୍ରାସ କରାଯିବା ଆଉ ଏକ ବୋଝ ହୋଇଛି । ଯେଉଁ ସବୁ କୃଷି ଯନ୍ତ୍ରପାତି କିଣାଯାଇଥିଲା ସେଥିରେ ରିହାତି ମିଳିପାରୁ ନାହିଁ । କିଣିବା ସମୟରେ ଆଦେଶ ପତ୍ର ମଧ ଏଯାଏ ଦିଆଗଲା ନାହିଁ । ଏହା ଦ୍ୱାରା ଚାଷୀ ଆର୍ଥିକ କ୍ଷତି ସହିବା ସହ ବ୍ୟାଙ୍କ ଓ ସାହୁକାରଙ୍କୁ ଋଣର ସୁଧ ଦେବାରେ ମଧ ସମସ୍ୟା ଆସୁଛି । ଚାଷୀ ଧାନ କାଟିବା ପାଇଁ ଥ୍ରେସର, କମ୍ବାଇନ, ନଡା କାଟିବା ପାଇଁ ରୋଟାଭେଟର ଓ ଜମିକୁ ପାଣି ମଡାଇବା ପାଇଁ ପାଣିପମ୍ପ ସେଟ ଆଦି ଚାଷୀଙ୍କୁ ଆବଶ୍ୟକ ପଡିଥାଏ । ଏବେ ଦରଦାମ ବୃଦ୍ଧି ପାଇବାରେ ଲାଗିଛି । ସରକାର କୃଷକଙ୍କୁ ସହାୟତା ଓ ପ୍ରୋତ୍ସାହନ ଯୋଗାଇ ଦେଉଥିବା ବେଳେ ରିହାତି କମାଇବା ଦ୍ୱାରା ଚାଷୀକୂଳକୁ ହତାସ କରିଛି । କୃଷି ଯନ୍ତ୍ରପାତି କିଣାରେ ଯେଉଁ ରିହାତି ପୂର୍ବରୁ ଦିଆଯାଉଥିଲା ତାହା ଦିଆଯାଉ ବୋଲି ଚାଷୀମାନେ ଦାବି କରିଛନ୍ତି।

# ଧାନ ଚାଷ ସମ୍ପର୍କିତ କର୍ମଶାଳା



କର୍ମଶାଳାରେ ଉପସ୍ଥିତ ଅଧିକାରୀମାନେ ।

**ଡାବୁଗାଁ, ୨।୧୧ (ଡି.ଏନ.ଏ.)**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦର ମହକୁମା ସ୍ଥିତ କୃଷି ଫାର୍ମ ଠାରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଓ ଆନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନର ମିଳିତ ଆନୁକୁଲ୍ୟରେ ଧାନ ଚାଷ ସମ୍ପର୍କିତ କର୍ମଶାଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଡାବୁଗାଁ ଫାର୍ମ ଠାରେ ୧୬ କିସମର ଧାନ ରୋପଣ କରାଯାଇଥିଲା। ଏହି ବିଭିନ୍ନ କିସମର ଧାନ ଉପସ୍ଥିତ ସମସ୍ତ ଅଧିକାରୀମାନେ ବୁଲି ଦେଖିବାପରେ ସମସ୍ତ ଧାନର ମୂଲ୍ୟାଙ୍କନ କରିଥିଲେ । ଯେଉଁ ଧାନ ନବରଙ୍ଗପୁର ଜିଲାର ପାଣିପାଗ ଦ୍ୱାରା ସହନଶୀଳ ହୋଇପାରିବ ଓ ଅଧିକ ଅମଳକ୍ଷମ ହେବ ସେହି ଧାନ ବିହନ ଚାଷୀଙ୍କୁ ଯୋଗାଇବା ପାଇଁ ସରକାରଙ୍କୁ ରିପୋର୍ଟ କରାଯିବ। ଉକ୍ତ ଧାନ ବିହନ ଗୁଡିକ ହେଲା ବୀଣା-୧୭, ବିଆରଆରଆଇ-୭୧, ବିଆରଆରଆଇ-୭୦ ଓ ସିଆର-୩୧୦ । ଏହି କର୍ମଶାଳାରେ ଜିଲା ମୁଖ୍ୟ କୃଷି ଅଧିକାରୀ ବ୍ରଜକିଶୋର ଲେଙ୍କା, ପାପଡାହାଣ୍ଡି ଜିଲା କୃଷି ଅଧିକାରୀ ପ୍ରସାଦ ନାୟକ, ଉମରକୋଟ ଜିଲା କୃଷି ଅଧିକାରୀ ପ୍ରଭାତ କୁମାର ମାଥା, ଆନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ (ଇରି) ବୈଜ୍ଞାନିକ ପ୍ରଦୀପ ସେଠୀ, ଜନ୍ମେଜୟ ବିଶ୍ୱାଳ, ସୁଦାମ ମହାଲିଙ୍ଗି, ସନ୍ତୋଷ କୁମାର ସେଠୀ, ଡାବୁଗାଁ ସହକାରୀ କୃଷି ଅଧିକାରୀ ଦୁର୍ଯ୍ୟୋଧନ ଜାନୀ, ପାପଡାହାଣ୍ଡି ସହକାରୀ କୃଷି ଅଧିକାରୀ ସୂରଥ ଚନ୍ଦ୍ର ମହାପାତ୍ର, ଡାବୁଗାଁ ଫାର୍ମ କୃଷି ଅଧିଦର୍ଶକ ଭୀମସେନ ନାୟକ ଓ ଜିଲାର ସମସ୍ତ ସହକାରୀ କୃଷି ଅଧିକାରୀ, ବିହନ ଉତ୍ପାଦକ ଚାଷୀ ଓ ଡିଲର ମାନେ ଯୋଗ ଦେଇଥିଲେ ।

# ଯୁବକଙ୍କ ଆତ୍ମହତ୍ୟା

## ଫାଇନାନ୍ସ ଟଙ୍କା ଶୁଝିବାକୁ ନେଇ ମାନସିକ ଚିନ୍ତାରେ ରହିଥିଲେ

**ଡାବୁଗାଁ/ଧୋଡ୍ରା,୨।୧୧ (ଡି.ଏନ.ଏ.)**

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ଝରିଗାଁ ବ୍ଲକ ଚାଟିଗୁଡା ଗ୍ରାମର ସୁଦେବ ପରମାଣିକ ଶୁକ୍ରବାର ସନ୍ଧ୍ୟାରେ ବେକରେ ଦଉଡି ଦେଇ ଆତ୍ମହତ୍ୟା କରିଛନ୍ତି। ଚାଟିଗୁଡା ଗ୍ରାମର ଅଧୀର ପରମାଣିକଙ୍କ ସାନ ପୁଅ ସୁଦେବ ପରମାଣିକ (୩୪) ପରିବାର ସହ ଉମରକୋଟରେ ଭଡା ନେଇ ରହୁଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ସେ ଚାଟିଗୁଡା ଆସିଥିଲେ। ବେକରେ ଦଉଡି ବାନ୍ଧି ଘରର ଏକ ରଡରେ ଝୁଲି ଆତ୍ମହତ୍ୟା କରିଥିଲେ। ସୁଦେବଙ୍କ ଝୁଲନ୍ତା ମୃତଦେହ ଗ୍ରାମବାସୀ ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକ ଗାଁରେ ପହଞ୍ଚି ଥିଲେ। ଶନିବାର ସକାଳେ ସୁଦେବଙ୍କ ବଡଭାଇ ବାସୁଦେବ ପରମାଣିକ ଡାବୁଗାଁ ଥାନାରେ ଏକ ଏତଲା ଦେଇଥିଲେ। ଏଏସଆଇ ଶଶୀ ସତନାମୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ । ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଥାନାରେ ନଂ ୩୭/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ସୁଦେବଙ୍କ ସ୍ତ୍ରୀ ସ୍ୱପ୍ନାଙ୍କ କହିବା ଅନୁଯାୟୀ ଫାଇନାନ୍ସ କମ୍ପାନୀ ଚାପରେ ସେ ଆତ୍ମହତ୍ୟା କରିଛନ୍ତି। ଫାଇନାନ୍ସ କମ୍ପାନୀର କର୍ମକର୍ତ୍ତା ଆସି ଋଣ ଆଦାୟ ଆଳରେ ଦୁର୍ବ୍ୟବହାର କରୁଥିଲେ ବୋଲି ସେ ଅଭିଯୋଗ କରିଛନ୍ତି। ବାସୁଦେବଙ୍କ କହିବା ଅନୁଯାୟୀ ତାଳଚେରର ଏକ କମ୍ପାନୀରେ ସେ ନିଜ ଟ୍ରକ ଲିଜରେ ଦେଇଥିଲେ। ୪ ଲକ୍ଷ ଟଙ୍କା ଭଡା ଏ ପର୍ଯ୍ୟନ୍ତ ନମିଳିବାରୁ ଫାଇନାନ୍ସ ଶୁଝିବାରେ ଅସୁବିଧା ହେଉଥିଲା। ଏହାକୁ ନେଇ ସେ ମାନସିକ ଚାପରେ ରହି ଆତ୍ମହତ୍ୟା କରିଛନ୍ତି।

# ଝରିଗାଁ ନୋଡାଲ ହାଇସ୍କୁଲ ଶ୍ରେଷ୍ଠ ବିଦ୍ୟାଳୟ

**ଝରିଗାଁ, ୨।୧୧(ଡି.ଏନ.ଏ)**

ଓଡିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ନବମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଝରିଗାଁ ନୋଡାଲ ହାଇସ୍କୁଲକୁ ନବରଙ୍ଗପୁର ଜିଲାର ଶ୍ରେଷ୍ଠ ବିଦ୍ୟାଳୟ ଭାବେ ଘୋଷଣା କରି ସମ୍ବର୍ଦ୍ଧନା ଦିଆଯାଇଛି । ଭୁବନେଶ୍ୱର କିଟ୍ ୟୁନିଭରସିଟି ସମ୍ମିଳନୀ କକ୍ଷରେ ମନ୍ତ୍ରୀ ଅରୁଣ ସାହୁ ଏବଂ ପୂର୍ବତନ ଏମପି ପ୍ରଶନ୍ନ ପାଟଶାଣୀଙ୍କ ଦ୍ୱାରା ବିଦ୍ୟାଳୟର ପ୍ରଧାନଶିକ୍ଷକ ବୀରେନ୍ଦ୍ର କୁମାର ପାଢୀଙ୍କୁ ମାନପତ୍ର ଏବଂ ଉପଢୌକନ ଦେଇ ସମ୍ମାନିତ କରାଯାଇଛି । ଝରିଗାଁ ହାଇସ୍କୁଲର ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥା, ଶିଶୁ ସୁରକ୍ଷା, ସୁସ୍ଥ ପରିବେଶ ସାଥିକୁ ବୃହତ ସବୁଜ ବନାନି ସୃଷ୍ଟି କରିଥିବା ନେଇ ଜିଲାର ଶ୍ରେଷ୍ଠ ବିଦ୍ୟାଳୟ ଭାବେ ସମ୍ମାନିତ କରାଯାଇଛି । ବିଦ୍ୟାଳୟର ଛାତ୍ରୀଛାତ୍ର ଏବଂ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଉତ୍ସାହ ଯୋଗୁ ଏହା ସମ୍ଭବ ହୋଇପାରିଛି । ତେବେ ରାଜ୍ୟ ସରକାରଙ୍କ ତରଫରୁ ପ୍ରଦାନ କରାଯାଇଥିବା ସମ୍ବର୍ଦ୍ଧନା ଆଗକୁ ସମସ୍ତଙ୍କୁ ଅଧିକ ଉତ୍ସାହର ସହିତ କାର୍ଯ୍ୟ କରିବା ନେଇ ପ୍ରେରଣା ଦେବ ବୋଲି ପ୍ରଧାନଶିକ୍ଷକ ବିରେନ୍ଦ୍ର ପାଢୀ ମତ ରଖିଛନ୍ତି ।



ପ୍ରଧାନଶିକ୍ଷକ ବୀରେନ୍ଦ୍ର ପାଢୀଙ୍କୁ ସମ୍ମାନିତ କରାଯାଉଛି।

# ବ୍ୟବସାୟ ପାଇଁ ଅସହାୟ ଯୁବତୀଙ୍କୁ ସହାୟତା

**ନବରଙ୍ଗପୁର,୨।୧୧(ବି.ପ୍ର.)**

ପାପଡାହାଣ୍ଡି ବ୍ଲକ ସଦର ମହକୁମା ବଙ୍ଗା ସାହିର ବେବୀ ପାଇକଙ୍କ ବ୍ୟବସାୟୀକ ବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ପ୍ରଶାସନ ପକ୍ଷରୁ ୩୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି । ବେବୀ ଜଣେ ଗରିବ ଅସହାୟ ଯୁବତୀ ହୋଇଥିବାରୁ ନିଜ ଉଦ୍ୟମରେ ଏକ ଛୋଟ ହୋଟେଲ କରି ବିଧବା ମାଆ ସହ ବଞ୍ଚୁଥିଲେ । ଜିଲାପାଳଅଜିତ କୁମାର ମିଶ୍ରଙ୍କ ଦୃଷ୍ଟି ଆକର୍ଷଣ ପରେ ଏକ ଟିମ ଅନୁଧ୍ୟାନ କରି ରିପୋର୍ଟ ଦେଇଥିଲେ। ବେବୀଙ୍କୁ ଜିଲାପାଳ ୩୦ ହଜାରଟଙ୍କା ଚେକ ପ୍ରଦାନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ ଉପସ୍ଥିତ ଥିଲେ ।

# ଦୁର୍ନୀତି ନିବାରଣ ସଚେତନତା

**ରାଇଘର,୨।୧୧(ଡି.ଏନ.ଏ)**

ନବରଙ୍ଗପୁର ଜିଲା ରାଇଘର ବ୍ଲକ ଅନ୍ତର୍ଗତ ଫୁଟାନଡାରେ ବିଏସଏଫ ପକ୍ଷରୁ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଇଥିଲା। ଏହି ଅବସରରେ ଫୁଟାନଡା ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଦୁର୍ନୀତି ନିବାରଣ ସମ୍ପର୍କିତ ବିଭିନ୍ନ ବିଷୟକୁ ନେଇ ପ୍ରତିଯୋଗିତା କରାଯାଇଥିଲା। ନିଜେ ଦୁର୍ନୀତିଠାରୁ ଦୂରରେ ରହିବା, ସମାଜକୁ କିପରି ଦୁର୍ନୀତି ମୁକ୍ତ କରିବା ଉଦ୍ଦେଶ୍ୟରେ ଛାତ୍ରୀଛାତ୍ରମାନଙ୍କୁ ନେଇ ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଏସଆଇ ରାଉତରାମ ଶରନ, ଏଏସଆଇ ବିଶ୍ୱନାଥ ନାଗ, ପ୍ରଧାନଶିକ୍ଷକ ଦେଓସିଂ ଗଣ୍ଡ ପ୍ରମୁଖ ସମେତ ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ଫୁଟାନଡା ବିଏସଏଫ କ୍ୟାମ୍ପ ତରଫରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।



ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି ।

## ■ ସାହିତ୍ୟିକ ଲଳିତମୋହନଙ୍କ ଶ୍ରାଦ୍ଧବାର୍ଷିକୀ

# ସ୍ମରଣିକା ଲଳିତ ସ୍ମୃତି ଲୋକାର୍ପିତ

**ନବରଙ୍ଗପୁର,୨।୧୧(ବି.ପ୍ର)-**

ସାହିତ୍ୟିକ ସ୍ୱର୍ଗତ ଲଳିତ ମୋହନ ପଟ୍ଟନାୟକଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ସ୍ଥାନୀୟ ସୌରା ସାହି କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇ ଯାଇଛି । ଏହି ସ୍ମୃତି ସଭାରେ ଜିଲାପାଳ ଅଜିତ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସ୍ୱର୍ଗତ ଲଳିତ ମୋହନଙ୍କ ସ୍ମୃତି ଚାରଣ କରିଥିଲେ। ଲଳିତଙ୍କ ସ୍ମୃତି ଉପଲକ୍ଷେ ପ୍ରସ୍ତୁତ ସ୍ମରଣୀକା ଲଳିତ ସ୍ମୃତି ଲୋକାର୍ପଣ କରିଥିଲେ । ସ୍ଥାନୀୟ ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ହୃଷିକେଷ ଦାଶଙ୍କୁ ଲଳିତ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା । ଜିଲା କଂଗ୍ରେସ କମିଟିର ସଭାପତି ମୁନା ତ୍ରିପାଠୀ ଓ ମୋହନା ବିଧାୟକ ଦାଶରଥୀ ଗମାଙ୍ଗ ଯୋଗଦେଇଥିଲେ । ସ୍ମୃତି ସଭାରେ ୟୁସଲେସ କ୍ଲବର ସଭାପତି ରାକେଶ ଗୁପ୍ତା ସଭାପତିତ୍ୱ କରିଥିଲେ । ମୁଖ୍ୟବକ୍ତା କୋରାପୁଟର ସାହିତ୍ୟିକ ଜଳଧର ସ୍ୱାଇଁ, ବକ୍ତା ଜୟପୁର ସାହିତ୍ୟିକ ସୁବାଷ ଚନ୍ଦ୍ର ମିଶ୍ର, ସମ୍ମାନିତ ଅତିଥି ସାହିତ୍ୟିକ ତଥା ନିଗମାନନ୍ଦ ଅଶ୍ରମର ସଭାପତି ନାରାୟଣ ପଣ୍ଡା, ନଳିନୀ ରଂଜନ ମିଶ୍ର, ଡଃ. ସୁରେନ୍ଦ୍ର ନାଥ ଦାଶ, ଜଗଦିଶ ଅଧିକାରୀ, ପ୍ରେମଚାନ୍ଦ ପଟ୍ଟନାୟକ, ଅବସର ପ୍ରାପ୍ତ ଜିଲା ଶିକ୍ଷା ଅଧିକାରୀ ସୁଦର୍ଶନ ଦାଶ ଯୋଗ ଦେଇ ସ୍ୱର୍ଗତ ପଟ୍ଟନାୟକଙ୍କ ଅଭୂଲା ସ୍ମୃତି ଚାରଣ କରିଥିଲେ । କ୍ଲବର ସମ୍ପାଦକ ଓମକାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ସ୍ମୃତି ସଭାରେ ସୁରେଶ କୁମାର ମିଶ୍ର ସଙ୍ଗୀତ ଗାନ କରିଥିଲେ। ଡଃ. ପ୍ରଦୀପ କୁମାର ମିଶ୍ରଙ୍କ ସ୍ମରଣୀକା ପ୍ରସ୍ତୁତିରେ ସହଯୋଗ କରିଥିଲେ। ଏହି ସ୍ମୃତି ସଭା ନବରଙ୍ଗପୁର ୟୁସଲେସ କ୍ଲବ ଦ୍ୱାରା ଆୟୋଜନ କରାଯାଇଥିଲା ।



ସ୍ମରଣିକା ଲଳିତ ସ୍ମୃତି ଉନ୍ମୋଚନ କରାଯାଉଛି।


Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

ଧରିତ୍ରୀ
DHARITRI
ରାୟଗଡ଼ା, ରବିବାର, ୩ ନଭେମ୍ବର, ୨୦୧୯



ଅନ୍ୟମାନଙ୍କ ଭଲକାମ ଦେଖି ପ୍ରଶଂସା କଲେ, ଆମ ନିଜ ମନର ଉନ୍ନତି ହୁଏ।

-ଭଲଟାୟାର



## ସଂକ୍ଷେପରେ

### ଅଶ୍ଳୀଳ ଫଟୋ ଭାଇରାଲ କରି ଯୁବକ ଗିରଫ



ବିଷମକଟକ,୨।୧୧: ସୋସିଆଲ ମିଡ଼ିଆରେ ଅଶ୍ଳୀଳ ଫଟୋ ଭାଇରାଲ କରିବା ଘଟଣାରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି । ସେ ହେଲେ ବିଷମକଟକ ଥାନା ଅନ୍ତର୍ଗତ ପାଟବନ୍ଧ ଗ୍ରାମର ବୁଡୁ ସାରକା। ବୁଡୁ ନିଜର ଫଟୋ ସହ ଉକ୍ତ ଅଞ୍ଚଳର ଜଣେ ଯୁବତୀଙ୍କ ଫଟୋକୁ ଏଡିଟିଂ କରି ତାଙ୍କ ସାଙ୍ଗ ସାଥୀଙ୍କ ମୋବାଇଲକୁ ପଠାଇଥିଲେ। କିଛି ଦିନ ଧରି ଉକ୍ତ ଫଟୋ ସୋସିଆଲ ମିଡ଼ିଆରେ ଘୁରି ବୁଲିବା ପରେ ଯୁବତୀଙ୍କ ପରିବାର ଲୋକେ ଜାଣିବାକୁ ପାଇଥିଲେ । ପରେ ଯୁବତୀଙ୍କ ମା' ବିଷମକଟକ ଥାନାରେ ସମ୍ପୃକ୍ତ ଯୁବକ ନାମରେ ଅଭିଯୋଗ କରିଥିଲେ । ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇ ବୁଡୁଙ୍କୁ ଗିରଫ କରିଛି ।

### ଓକିଲଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ପ୍ରତ୍ୟାହୃତ

ଗୁଣପୁର,୨।୧୧(ଡି.ଏନ.ଏ): ଅବିଭକ୍ତ କୋରାପୁଟ ଜିଲାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ଚାଲୁ ରହିଥିବା ଆନ୍ଦୋଳନ ଶନିବାର ପ୍ରତ୍ୟାହୃତ ହୋଇଛି। ରାୟଗଡା ଜିଲା ଗୁଣପୁର ଓକିଲ ସଂଘର ଏକ ଜରୁରୀ ବୈଠକ ହେବା ପରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି । ସଂଘ ସଭାପତି ଫଣି ଭୂଷଣ ପଟ୍ଟନାୟକଙ୍କ ସମେତ ସମସ୍ତ ଓକିଲ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ, ଦୀର୍ଘ ୮ମାସରୁ ଊର୍ଦ୍ଧ୍ୱ ହେବ ଓକିଲମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିଲେ । ଫଳରେ କୋର୍ଟ କାର୍ଯ୍ୟ ବାଧାପ୍ରାପ୍ତ ହେବାସହ ମହକିଲମାନଙ୍କୁ ନାନା ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥିଲା ।

### ଅଟୋ-ବାଇକ୍ ମୁହାଁମୁହିଁ ଧକ୍କା,୨ ଗୁରୁତର

ବିଷମ କଟକ,୨।୧୧: ରାୟଗଡା ଜିଲା ବିଷମକଟକ ବ୍ଲକ ଅନ୍ତର୍ଗତ କଣାବାଇ ଗ୍ରାମ ପଞ୍ଚାୟତର ଲିଭରକଣା ଗ୍ରାମ ନିକଟରେ ଏକ ଅଟୋ ଓ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ୨ ଜଣ ଗୁରୁତର ହୋଇଛନ୍ତି । ସେମାନେ ହେଲେ କଲ୍ୟାଣସିଂହପୁର ଥାନା ଅନ୍ତର୍ଗତ ପ୍ରଧାନୀଗୁଡ଼ା ଗ୍ରାମର ପ୍ରତାପ ଲୁହା ଓ ତାଙ୍କ ପତ୍ନୀ । ସେମାନଙ୍କୁ ଗୁରୁତର ଅବସ୍ଥାରେ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଖବରପାଇ ବିଷମକଟକ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଦୁଇ ଗାଡ଼ିକୁ ଜବତ କରି ତଦନ୍ତ ଚଳାଇଛି ।

### କଣାବାଇ ସମିତିସଭ୍ୟ ଉପନିର୍ବାଚନ
### ଶେଷ ଦିନରେ ୪ ନାମାଙ୍କନ ପତ୍ର ଦାଖଲ

ବିଷମକଟକ, ୨।୧୧: ରାଜ୍ୟ ସରକାର ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଖାଲି ପଡିଥିବା ପଦବୀ ପୂରଣ ନିମନ୍ତେ ଦିନ ଧାର୍ଯ୍ୟ କରିଛନ୍ତି । ଶନିବାର ନାମାଙ୍କନ ପତ୍ର ଦାଖଲର ଶେଷ ଦିନ ଥିଲା । କଣାବାଇ ଗ୍ରାମ ପଞ୍ଚାୟତ ସମିତିସଭ୍ୟ ପଦବୀ ନିମନ୍ତେ ବିଷମକଟକ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ୪ଜଣ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ସେମାନେ ହେଲେ ନାରୁଣୁ ହୁଇକା,ରାଜୁ କଣ୍ଡାଗୋରି,ଗୋବିନ୍ଦ କୁଲସିକା ଏବଂ ଆଦି ପ୍ରାସ୍କା ।

# କାମରେ ଲାଗୁନି ବିଜୁ ପଟ୍ଟନାୟକ ଭେଣ୍ଡିଂ ଜୋନ

ରାୟଗଡ଼ା ଅଫିସ,୨।୧୧



ବନ୍ଦ ରହିଥିବା ଦୋକାନଗୃହ ।

**ଶୁଣୁନି ପ୍ରଶାସନ**
- ରହିଛି ୨୨ ଦୋକାନ ଗୃହ,୩୬ ପିଣ୍ଡି
- ଭେଣ୍ଡିଂ ଜୋନ ପାଲଟିଛି ଗୋଦାମ ଗୃହ
- ରାସ୍ତାକଡ଼ରୁ ଉଠା ଦୋକାନୀଙ୍କୁ ନ ହଟାଇଲେ ଆନ୍ଦୋଳନ ଚେତାବନୀ

ରାୟଗଡ଼ା କସ୍ତୁରୀନଗରରେ ରହିଛି ବିଜୁ ପଟ୍ଟନାୟକ ଭେଣ୍ଡିଂ ଜୋନ। ହେଲେ ଏହା ବ୍ୟବସାୟୀଙ୍କ କାମରେ ଆସୁନି। ୩ ବର୍ଷ ହେଲା ଉକ୍ତ ଭେଣ୍ଡିଂ ଜୋନ ବନ୍ଦ ହୋଇ ପଡ଼ି ରହିଛି । ପୂର୍ବରୁ ବ୍ୟବସାୟୀମାନେ ଯେପରି ବିଭିନ୍ନ ରାସ୍ତାକଡ଼ରେ ବସୁଥିଲେ, ଏବେ ବି ସେମାନେ ବସି ବ୍ୟବସାୟ ଚଳାଉଛନ୍ତି । ଫଳରେ ଟ୍ରାଫିକ ଜାମ୍ ହେବା ସହ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

୨୦୦୯ରେ ରାୟଗଡ଼ା ପୌର ପରିଷଦ ପକ୍ଷରୁ କସ୍ତୁରୀନଗର ୬ଷ୍ଠ ଲାଇନରେ ୪୯ ଲକ୍ଷ ୪୭ ହଜାର ୫୮୮ ଟଙ୍କା ବ୍ୟୟରେ ଏକ ଭେଣ୍ଡିଂ ଜୋନ ନିର୍ମାଣ କରାଯାଇଥିଲା । ଏହା ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ନାମରେ ନାମିତ କରାଗଲା । ପରେ ଏହାକୁ ପୂର୍ବତନ ବିଧାୟକ ଲାଲବିହାରୀ ହିମିରିକା ଉଦ୍‌ଘାଟନ କରିଥିଲେ । ଏଠାରେ ୨୨ ଟି ଦୋକାନ ଗୃହ, ୩୬ ଟି ପିଣ୍ଡି, ଆମିଷ ବିକ୍ରି ପାଇଁ ୧୮ ଟି ଦୋକାନର ବ୍ୟବସ୍ଥା ରହିଛି। ୨୦୧୪ରେ ଲୋକଙ୍କୁ ଦୋକାନ ଗୃହ ବଣ୍ଟନ କରାଗଲା। ହେଲେ ଦୋକାନ ଗୃହ କାର୍ଯ୍ୟ ଶେଷ ହୋଇ ନ ଥିବାରୁ ବ୍ୟବସାୟୀମାନେ ବ୍ୟବସାୟ କରିପାରିଲେ ନାହିଁ। ୨୦୧୬ରେ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ଦୋକାନ ଗୃହ କାର୍ଯ୍ୟକ୍ଷମ ହେଲା । ବ୍ୟବସାୟୀ ୩ ମାସ ସେଠାରେ ବ୍ୟବସାୟ ଚଳାଇଲେ। ବ୍ୟବସାୟ ଭଲ ନ ହେବାରୁ ବନ୍ଦ ହୋଇଗଲା । ଯାହା ବର୍ତ୍ତମାନ ପର୍ଯ୍ୟନ୍ତ ବନ୍ଦ ହୋଇ ପଡ଼ି ରହିଛି । ରାୟଗଡ଼ାର ଅଶୋକ ସିନେମା ହଲ , ରେଳ ଷ୍ଟେଶନ,ପୂର୍ତ୍ତ ବିଭାଗ ଜନ ଗହଳି ସ୍ଥାନର ରାସ୍ତା କଡ଼ରେ ବସୁଥିବା ଉଠା ଦୋକାନୀଙ୍କୁ ହଟାଇ ଏହି ଭେଣ୍ଡିଂ ଜୋନରେ ବ୍ୟବସାୟ କରିବା ଲକ୍ଷ୍ୟରେ ଏହା ନିର୍ମାଣ କରାଯାଇଥିଲା। ହେଲେ ଏହା କୌଣସି କାମରେ ଆସିଲା ନାହିଁ । ଏବେ ବି ରାସ୍ତା କଡ଼ରେ ପରିବାଠାରୁ ଆରମ୍ଭ କରି ମାଛ , ମାଂସ ବିକ୍ରି କରାଯାଉଥିବା ଦେଖିବାକୁ ମିଳୁଛି । ରାସ୍ତାକଡ଼ରୁ ହଟାଇ ଏଠାରେ ବ୍ୟବସାୟ କରିବାକୁ ଦାବି ହୋଇ ଆସୁଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ଗତ ଏପ୍ରିଲ ୩୦ ତାରିଖରେ ସ୍ଥାନୀୟ ବାସିନ୍ଦା ଏବଂ ସେଠାରେ ଥିବା ବ୍ୟବସାୟୀ କାର୍ଯ୍ୟନିର୍ବାହୀ ଅଧିକାରୀ ସଚ୍ଚିଦାନନ୍ଦ ଶତପଥୀଙ୍କୁ ଭେଟି ଏକ ଅଭିଯୋଗପତ୍ର ପ୍ରଦାନ କରିଥିଲେ। ୩ ମାସ ମଧ୍ୟରେ ଉକ୍ତ ଭେଣ୍ଡିଂ ଜୋନ କାର୍ଯ୍ୟକ୍ଷମ କରାଯିବ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ । ହେଲେ ଇତିମଧ୍ୟରେ ୬ ମାସ ବିତିଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ ବୋଲି ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି । ଦୋକାନ ଗୃହ ନେଇଥିବା ବ୍ୟବସାୟୀମାନେ ପୌର ପରିଷଦକୁ ବର୍ତ୍ତମାନ ପର୍ଯ୍ୟନ୍ତ ଭଡ଼ା ଟଙ୍କା ମଧ୍ୟ ପୈଠ କରୁଛନ୍ତି । ବ୍ୟବସାୟୀ ରବି କୁମାରଙ୍କ କହିଛନ୍ତି ଯେ, ଆମେ ଏଠାରେ ଅନେକ କ୍ଷତି ସହୁଛୁ। ଉଠା ଦୋକାନୀମାନେ ରାସ୍ତାରେ ଦୋକାନ କରି ଅଧିକ ଲାଭବାନ ହେଉଛନ୍ତି । ଆମେ ଆଇନ ଅନୁଯାୟୀ କାର୍ଯ୍ୟ କରୁଛୁ, ହେଲେ ସରକାର ଆମ କଥା ବୁଝୁନାହାନ୍ତି । ପ୍ରଶାସନ ଉଠା ଦୋକାନୀଙ୍କୁ ହଟାଇ ଏଠାରେ ଜାଗା ଦିଅନ୍ତୁ, ଆମେ ମାର୍କେଟକୁ ତୁରନ୍ତ ଆରମ୍ଭ କରିବୁ । ସେହିପରି ପି ରବି କୁମାର କୁହନ୍ତି , ଏଠାରେ ସମସ୍ତେ ନିଜ ନିଜର ଦୋକାନକୁ ଗୋଦାମ କରି ରଖିଛନ୍ତି । ହେଲେ ମୁଁ ଦୋକାନ କରିଛି । ଘର ପାଖ ବୋଲି ଦୋକାନ ଖୋଲା ରଖେ, ହେଲେ ଦିନକୁ ମୋର ୧୦୦ ଟଙ୍କାର ବିକ୍ରି ହୁଏ ଏଥିରେ ମୁଁ କେମିତି ଚଳିବି । ଉଠା ଦୋକାନୀଙ୍କୁ ନ ଉଠାଗଲେ ଆଗାମୀ ଦିନରେ ଆମେ ଆନ୍ଦୋଳନର ପନ୍ଥା ନେବାକୁ ବାଧ୍ୟ ହେବୁ । ଏନେଇ ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ସଚ୍ଚିଦାନନ୍ଦ ଶତପଥୀଙ୍କୁ ପଚାରିବାରୁ, କେତେ ଜଣ ବ୍ୟବସାୟୀ ଟଙ୍କା ବାନ୍ଧିଛନ୍ତି , ଆଉ କେତେକ ଟଙ୍କା ପ୍ରଦାନ କରି ନାହାନ୍ତି । ରାସ୍ତା କଡ଼ରେ ବସୁଥିବା ଉଠା ଦୋକାନୀଙ୍କୁ ସେଠାକୁ ନିଆଯିବ ବୋଲି ଯୋଜନା ଚାଲିଥିବା ସେ ୱକହିଛନ୍ତି ।

## ପଞ୍ଚାୟତସ୍ତରରେ ସଚେତନତା କାର୍ଯ୍ୟକ୍ରମ ରକ୍ଷକ

ରାୟଗଡ଼ା ଅଫିସ,୨।୧୧

ଓଡ଼ିଶା ସରକାରଙ୍କ ଦ୍ୱାରା ପରିଚାଳିତ ରାଜ୍ୟ ଯୁବ କଲ୍ୟାଣ ପରିଷଦର ରାୟଗଡ଼ା ବିଜୁ ଯୁବ ବାହିନୀ ପଞ୍ଚାୟତ ସମିତି ପକ୍ଷରୁ ଏକ ସଚେତନତା ଅଭିଯାନ ରକ୍ଷକ ଶନିବାର ଅନୁଷ୍ଠିତ ହୋଇଯାଇଛି । ରାୟଗଡ଼ା ବ୍ଲକର ବଡ଼ ଇରୁକୁବାଡ଼ି , ଗାଜିଗାଁ , କେରେଡ଼ା, ହାଟସେସକାଲ,ଜେମାଦେଇପେଣ୍ଠ ବୈରାଗି ହଲୁଆ ୬ଟି ପଞ୍ଚାୟତରେ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ବ୍ଲକ କୋଅର୍ଡ଼ିନେଟର ଶୁଭନାଥ ବାଗଙ୍କ ସମେତ ବିଜୁ ଯୁବ ବାହିନୀ ସଦସ୍ୟ ଓ ସେସଖାଲ ପୋଲିସ କର୍ମଚାରୀଙ୍କ ମିଳିତ ଉଦ୍ୟମରେ ପ୍ରତି ପଞ୍ଚାୟତରେ ସାମୂହିକ ଭାବରେ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଥିଲା । ସୁରକ୍ଷିତ ଗାଡ଼ି ଚାଳନା ପାଇଁ ଆହ୍ୱାନ ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ,ସମିତିସଭ୍ୟ, ୱାର୍ଡ଼ମେମ୍ବରମାନେ ଉପସ୍ଥିତ ଥିଲେ । ରାୟଗଡ଼ା ଜିଲା ବିଜୁ ଯୁବ ବାହିନୀର ଯୁବ କୋଅର୍ଡ଼ିନେଟର ବିବେକ ପଟ୍ଟନାୟକ , ଜିଲା ପ୍ରୋଜେକ୍ଟ ଅଧିକାରୀ ଶିଶିର କୁମାର ମିଶ୍ର ପ୍ରମୁଖ ଲୋକଙ୍କୁ ସଚେତନ କରିଥିଲେ ।



ବାହାରିଥିବା ଶୋଭାଯାତ୍ରା ।

## ଜିଲାସ୍ତରୀୟ ଗୋ ସମ୍ବର୍ଦ୍ଧନା ମହୋତ୍ସବ

ପଦ୍ମପୁର,୨।୧୧(ଡି.ଏନ୍.ଏ.)



ବିଭିନ୍ନ କାର୍ଯ୍ୟ ନେଇ ପୁରସ୍କୃତ ହୋଇଥିବା ବ୍ୟକ୍ତିମାନେ ।

ରାୟଗଡା ଜିଲା ପଦ୍ମପୁର ବ୍ଲକ ଏମ୍‌ଏଲ୍ ଛକ ନିକଟ ପଡିଆରେ ଜିଲାସ୍ତରୀୟ ଗୋ ସମ୍ବର୍ଦ୍ଧନା ମହୋତ୍ସବ ପ୍ରାଣୀସମ୍ପଦ ବିକାଶ ତରଫରୁ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପଦ୍ମପୁର ବ୍ଲକ ଅଧ୍ୟକ୍ଷ ରମାକାନ୍ତ ମାଝି ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ହିନ୍ଦୁ ରୀତିନୀତି ଅନୁସାରେ ଗୋ'ମାତାଙ୍କୁ ପୂଜାର୍ଚ୍ଚନା ପରେ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ଏଥିରେ ରାୟଗଡା ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ଦେବେନ୍ଦ୍ର ନାଥ ବିଶ୍ୱାଳ ସଭାପତିତ୍ୱ କରିଥିଲେ । ପଦ୍ମପୁର ବିଡ଼ିଓ ଅଗସ୍ତି ପ୍ରଧାନ, ସରପଞ୍ଚ ପୂନ୍ୟାବତୀ ମାଣ୍ଡାଙ୍ଗି, ଗୁଣପୁର ଉପଖଣ୍ଡ ଭାରପ୍ରାପ୍ତ ପ୍ରାଣୀ ଚିକିତ୍ସାଧିକାରୀ ଡା. ରାମାରାଓ ପାଳ, ପଦ୍ମପୁର ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର କୃଷ୍ଣାନନ୍ଦ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଗୋ' ସମ୍ବର୍ଦ୍ଧନା ମହୋତ୍ସବ ଉପଲକ୍ଷେ ଆୟୋଜିତ ଗୋ' ପ୍ରଦର୍ଶନୀ ପ୍ରତିଯୋଗିତାରେ ରାୟଗଡା ଜିଲାର ବିଭିନ୍ନ ବ୍ଲକର ଗୋପାଳକମାନେ ଅଂଶ ଗ୍ରହଣ କରିଥିଲେ । ଉତ୍ତମ ଦୁଧିଆଳି ଗାଈ ପାଳନ ବର୍ଗରେ ରାମନାଗୁଡାର ମଧୁସୂଦନ ରତ୍ନାଲୁ, ପଦ୍ମପୁରର ପ୍ରକାଶ ପାତ୍ର, ପଦ୍ମପୁରର ଏଲ୍. ଗାନ୍ଧୀ, ଓ ପଦ୍ମପୁରର ଶଙ୍କର ଗୌଡ଼ଙ୍କୁ ପୁରସ୍କୃତ କରାଯାଇଥିଲା । ସେହିପରି ଉତ୍ତମ ଛଡା ପାଳନ ବର୍ଗରେ ପଦ୍ମପୁରର ଜନାର୍ଦ୍ଦନ ପଣ୍ଡା, ଶଙ୍କର ଗୌଡ଼, ହରିଶ୍ଚନ୍ଦ୍ର ସାହୁଙ୍କୁ ପୁରସ୍କୃତ କରାଯାଇଥିଲା । ଉତ୍ତମ ବାଛୁରୀ ପାଳନ ପାଇଁ ସୁମନ ରାଉତ, ଭଗତ ସାହୁ ପୁରସ୍କାର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡା. ସତ୍ୟବ୍ରତ ସେଠୀ, ଡା. ଛବିଳ କୁମାର ମାଝି, ଡା. ସୁନୀଲ କୁମାର, ଡା. ପୂର୍ଣ୍ଣେନ୍ଦୁ ଶେଖର ତ୍ରିପାଠୀ, ଡା. ପ୍ରଦୀପ କୁମାର ରଥ, ଡା. ପ୍ରିୟଦର୍ଶିନୀ ପାତ୍ର, ଡା. ଅମ୍ରିତା ପ୍ରଧାନ, ଡା. ପ୍ରିୟଙ୍କା ପ୍ରିୟଦର୍ଶନୀ, ଡା. ପ୍ରିୟବ୍ରତ ମହାନ୍ତି, ଡା. ଅଭିଳାସ ରାଉତରାୟ, ଡା. ବିଚିତ୍ରାନନ୍ଦ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ରାମନାଗୁଡାର ଭାରପ୍ରାପ୍ତ ପ୍ରାଣୀ ଚିକିତ୍ସାଧିକାରୀ ଡା. ପାର୍ଥସାରଥୀ ସ୍ୱାଇଁ ଧନ୍ୟବାଦ ଦେଇଥିଲେ ।

## ନୂତନ ରେଞ୍ଜରଙ୍କ ଦାୟିତ୍ୱ ଗ୍ରହଣ

ମୁନିଗୁଡା,୨।୧୧(ଡ଼ି.ଏନ.ଏ)

ରାୟଗଡା ଜିଲା ମୁନିଗୁଡା ବନ ବିଭାଗ କାର୍ଯ୍ୟାଳୟରେ ନୂତନ ରେଞ୍ଜର ଭାବେ ପ୍ରସନ୍ନ କୁମାର ମିଶ୍ର ଯୋଗ ଦେଇଛନ୍ତି। ସେ ପୂର୍ବରୁ କଳାହାଣ୍ଡି ଜିଲା ଭବାନୀପାଟଣାରେ ରେଞ୍ଜର ଭାବେ କାର୍ଯ୍ୟ କରୁଥିଲେ । ଏହି ଅବସରରେ ମୁନିଗୁଡା ବନପାଳ ହରିଶ୍ଚନ୍ଦ୍ର ମାର୍ଥା ଓ କୁନା ବେହେରାଙ୍କ ମିଳିତ ସଂଯୋଜନାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ମୁନିଗୁଡା ରେଞ୍ଜର ଭାବେ ଅତିରିକ୍ତ ଦାୟିତ୍ୱରେ ଥିବା କଲ୍ୟାଣସିଂହପୁର ରେଞ୍ଜର ପ୍ରଫୁଲ୍ଲ କୁମାର ନାୟକଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି । ନୂତନ ଭାବେ ଦାୟିତ୍ୱ ନେଇଥିବା ରେଞ୍ଜର ମିଶ୍ରଙ୍କୁ ମୁନିଗୁଡା ପ୍ରେସ କ୍ଲବ ସଦସ୍ୟ , ବନ ବିଭାଗ କର୍ମଚାରୀଙ୍କ ସମେତ ମୁନିଗୁଡାର ବିଭିନ୍ନ ଅନୁଷ୍ଠାନ ତରଫରୁ ସ୍ୱାଗତ କରାଯାଇଛି । ମୁନିଗୁଡା ରେଞ୍ଜ ଅଧୀନରେ ଅଧିକ ଜଙ୍ଗଲ ରହିବା ଓ ବିଶେଷ କରି ହାତୀ ଉପଦ୍ରବ ଅଞ୍ଚଳ ସହ ନିୟମଗିରି ଜଙ୍ଗଲ ଲାଗି ରହି ଥିବାରୁ ସମସ୍ତ କର୍ମଚାରୀମାନଙ୍କ ସହଯୋଗରେ ଜଙ୍ଗଲକୁ କିପରି ସୁରକ୍ଷା କରାଯାଇ ପାରିବ ଓ ଜୀବ ଜନ୍ତୁ ମଧ କିପରି ସୁରକ୍ଷାରେ ରହି ପାରିବେ ସେନେଇ ଏକତ୍ରିତ ହୋଇ ଟିମ ୱାର୍କ କରାଯିବ ବୋଲି ନୂତନ ରେଞ୍ଜର ମିଶ୍ର ପ୍ରକାଶ କରିଛନ୍ତି।

## ସ୍କୁଲ ନ ଯାଇ ରାଜରାସ୍ତାରେ ୨୧ ଛାତ୍ର

### ଶିକ୍ଷକଙ୍କୁ ଫେରାଇ ଆଣିବା ପାଇଁ ଜିଲାପାଳଙ୍କୁ ଭେଟିବାକୁ ଯାଉଥିଲେ

ରାୟଗଡ଼ା ଅଫିସ,୨।୧୧

ରାୟଗଡ଼ା ସହରର ଗାୟତ୍ରୀନଗର ୧ମ ଲାଇନରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୧ ଜଣ ଛାତ୍ର ବୁଧବାର ସ୍କୁଲ ନ ଯାଇ ଜିଲାପାଳଙ୍କୁ ଭେଟିବାକୁ ଯାଉଥିବା ଦେଖିବାକୁ ମିଳିଛି। ଏଥିରେ ଷଷ୍ଠ, ସପ୍ତମ ଓ ନବମ ଶ୍ରେଣୀର ଛାତ୍ର ରହିଛନ୍ତି। 'ନ୍ୟାୟ ଦରକାର, ଅନ୍ୟାୟ ସହିବୁ ନାହିଁ' । ଏଭଳି ନାରା ଦେଇ ସେମାନେ ଜିଲାପାଳଙ୍କୁ ଭେଟିବାକୁ ଯାଉଥିବା ବେଳେ ଡିଆରଡ଼ିଏ ଛକରେ କେତେକ ଗଣମାଧ୍ୟମ ପ୍ରତିନିଧି ସେମାନଙ୍କୁ ଦେଖି ଘଟଣା ସମ୍ପର୍କରେ ବୁଝିଥିଲେ। ପିଲାଙ୍କ କହିବା ଅନୁଯାୟୀ, କିଛି ଦିନ ତଳେ ବିଦ୍ୟାଳୟର ଶିକ୍ଷକ ଓ ଜଣେ ଅଭିଭାବକଙ୍କ ମଧ୍ୟରେ ହୋଇଥିବା ବିବାଦରେ ଶିକ୍ଷକ ଜଣଙ୍କୁ ଥାନାକୁ ନିଆଯାଇଥିଲା। ଏହାଦ୍ୱାରା ସେମାନେ ପାଠପଢ଼ାରେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ତାଙ୍କର କିଛି ଭୁଲ୍ ନ ଥିଲା। ତେଣୁ ସେମାନଙ୍କୁ ଶିକ୍ଷକ ଦରକାର ବୋଲି ପିଲାମାନେ କହିଛନ୍ତି। ତେବେ ଏନେଇ ବିଦ୍ୟାମନ୍ଦିର ପ୍ରଧାନଶିକ୍ଷକଙ୍କୁ ଫୋନ୍‌କରି ଅବଗତ କରାଯିବା ସହ ପିଲାଙ୍କୁ ବୁଝାଶୁଝା କରି ସ୍କୁଲକୁ ଫେରାଇ ନିଆଯାଇଥିଲା। ପୋଲିସ ମଧ ବିଦ୍ୟାଳୟରେ ପହଞ୍ଚି ପିଲା ଓ ସେମାନଙ୍କୁ ଏପରି କରିବା ପାଇଁ ପ୍ରବର୍ତ୍ତାଇଥିବା ଶିକ୍ଷକଙ୍କୁ ବୁଝାଇଥିଲା। ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ଚରଣ ସ୍ୱାଇଁ ମଧ ଅଭିଭାବକଙ୍କୁ ଡକାଇ ଏ ବାବଦରେ ସେମାନଙ୍କ ସହ ଆଲୋଚନା କରିଛନ୍ତି।



ସ୍କୁଲରେ ଛାତ୍ରମାନଙ୍କୁ ବୁଝାଶୁଝା କରାଯାଉଛି ।

## ଇତିହାସ ବିଭାଗର ପାଠଚକ୍ର

ଗୁଣପୁର,୨।୧୧(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର କଲେଜ ଇତିହାସ ବିଭାଗର ଏକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ୨ୟ ଏବଂ ୩ୟ ବର୍ଷର ଛାତ୍ରୀଛାତ୍ରମାନେ ସନ୍ଦର୍ଭ ପାଠ କରିଥିଲେ । ୧ମ ବର୍ଷର ଛାତ୍ରୀଛାତ୍ର ଏଥିରେ ଅଂଶ ଗ୍ରହଣ କରିଥିଲେ। ପାଠଚକ୍ରର ଶେଷ ଦିନରେ କଲେଜ ଅଧ୍ୟକ୍ଷ ଡ.ବାମଦେବ ମିଶ୍ର ଯୋଗଦେଇ ପାଠଚକ୍ରର ଆବଶ୍ୟକତା ଉପରେ କହିଥିଲେ । ବିଭାଗୀୟ ମୁଖ୍ୟ ଡ.ଜବାହର ଲାଲା ଚୌଧୁରୀ ସ୍ୱାଗତ ଭାଷଣ ଦେବାସହ ପାଠଚକ୍ରରେ ଭାଗ ନେଲେ ପିଲାଙ୍କ କିପରି ବିକାଶ ହୋଇଥାଏ ସେନେଇ କହିଥିଲେ । ଶେଷରେ ଅଧ୍ୟାପକ ଡ.ଅଜୟ ରୟତ ଧନ୍ୟବାଦ ଦେବାସହ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷ ଦିନରେ ଆଦର୍ଶ ପାଢୀ ଏବଂ ସୋନାଲି ନାୟକ ସନ୍ଦର୍ଭ ପାଠ କରିଥିଲେ । ଅଧ୍ୟାପକ ରାମଚନ୍ଦ୍ର ପଣ୍ଡା, ଅମୀୟ ରଞ୍ଜନ ମହାନ୍ତି, ଜ୍ୟୋତିରଞ୍ଜନ ପଟ୍ଟନାୟକ, ଅଗାଧୁ ଶବର, ତାମିଲା ପାରାସେଠ୍, ଜଗନ୍ନାଥ ଦିପ, ଗୋକୁଳାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ ।



କାଶୀପୁର ବ୍ଲକ ଡ଼ଙ୍ଗାସିଲ ଗ୍ରାମରେ ବିହାରୀ ସମ୍ପ୍ରଦାୟର ଲୋକମାନେ ଛଟ୍ ପୂଜା କରୁଛନ୍ତି ।

### ଉତ୍କଳ ଆଲୁମିନା ସମ୍ମୁଖରେ ପୋଲିସର ଲାଠି ଚାର୍ଜ ଘଟଣା

## ପରିସ୍ଥିତି ନିୟନ୍ତ୍ରଣାଧୀନ, ପୋଲିସ ମୁତୟନ

ଟିକିରି, ୨।୧୧ (ଡି.ଏନ୍.ଏ.)



କମ୍ପାନୀର ପଛ ଗେଟକୁ ବନ୍ଦ କରାଯାଉଛି ।

ରାୟଗଡ଼ା ଜିଲା କାଶୀପୁର ବ୍ଲକ କୁଦେଇପଦର ପଞ୍ଚାୟତ ଦୋରାଗୁଡାଠାରେ ଥିବା ଉତ୍କଳ ଆଲୁମିନା କମ୍ପାନୀ ନିକଟରେ ଡିମୁଣ୍ଡି ଗ୍ରାମବାସୀ ଧାରଣାରେ ବସିଥିଲେ। ଏହାକୁ ନେଇ ଶୁକ୍ରବାର ଉତ୍ତେଜନା ଦେଖାଦେବା ସହ ପୋଲିସ ଓ ଗ୍ରାମବାସୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା । ପରେ ପୋଲିସ ଲାଠି ଚାର୍ଜ କରିଥିଲା । ଏହିସବୁକୁ ଦୃଷ୍ଟିରେ ରଖି ଶନିବାର ଡିମୁଣ୍ଡି ଗ୍ରାମ ନିକଟରେ ପୋଲିସ ଫୋର୍ସ ମୁତୟନ କରାଯାଇଛି। ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି । ଏଥିସହିତ ଘଟଣାସ୍ଥଳରେ ଅତିରିକ୍ତ ଆରକ୍ଷୀ ଅଧିକାରୀ, ଉପଜିଲାପାଳ , ଏସ୍‌ଡିପିଓ, ତହସିଲଦାର ସୌଭାଗ୍ୟ ବେହେରା, ଦୋରାଗୁଡା ଥାନା ଅଧିକାରୀ କୃଷ୍ଣଚନ୍ଦ୍ର ଭତ୍ରା, ଲକ୍ଷ୍ମୀପୁର ଥାନା ଅଧିକାରୀ ଗୌରହରି ସାହୁ, ଟିକିରି ଥାନା ଅଧିକାରୀ ସୁଜ୍ଞାନୀ ସାହୁଙ୍କ ସହିତ ଅନ୍ୟ ଅଧିକାରୀ ଉପସ୍ଥିତ ଅଛନ୍ତି। ଉପଜିଲାପାଳ ପ୍ରଧାନ କହିଛନ୍ତି ଯେ, ପରିସ୍ଥିତି ଶାନ୍ତ ଅଛି । ଆଇନ୍ ଶୃଙ୍ଖଳା ପାଇଁ ୧୩ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ଏହି ଘଟଣାକୁ ନେଇ କମ୍ପାନୀ ଜିଏମ୍ ଲୋପାମୁଦ୍ରା ପ୍ରିୟଦର୍ଶନୀ ମହାପାତ୍ରଙ୍କୁ ପଚାରିବାରୁ , ବର୍ତ୍ତମାନ ପରିସ୍ଥିତି ଠିକ୍ ଅଛି। ଆଲୋଚନା ଚାଲିଛି। ପ୍ରଥମରେ ଗ୍ରାମବାସୀ ଭଙ୍ଗାରୁଜା କରିବା ଦ୍ୱାରା ପୋଲିସ ଲାଠିଚାର୍ଜ କରିଥିଲା। କମ୍ପାନୀର ପଛ ଫାଟକକୁ ବନ୍ଦ କରି ଦିଆଯାଇଛି ବୋଲି କହିଛନ୍ତି।

ସୂଚନାଯୋଗ୍ୟ ଯେ, କାରଖାନାର ଧୂଳି, ଧୂଆଁରେ ଗ୍ରାମବାସୀ ଅତିଷ୍ଠ ହୋଇଛନ୍ତି । ତୁରନ୍ତ ଏଠାରୁ ବିସ୍ଥାପିତ କରିବା ଲାଗି କିଛି ବର୍ଷ ହେବ ଦାବି କରି ଆସୁଛନ୍ତି । ହେଲେ କମ୍ପାନୀ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଉନାହାନ୍ତି। ତେଣୁ ବାଧ୍ୟ ହୋଇ ଗ୍ରାମବାସୀ ଶୁକ୍ରବାର ଧାରଣା ଦେଇଥିଲେ । ଖବରପାଇ ଉପଜିଲାପାଳ ପ୍ରତାପ ଚରଣ ପ୍ରଧାନ, ଏସଡିପିଓ ତପନ ନାରାୟଣ ରଥ ଓ ଜିଲା ଲେବର କମିଶନର ଓ କମ୍ପାନୀ ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ। ହେଲେ ସେମାନେ କୌଣସି କଥା ନ ଶୁଣି ନିଜ ଜିଦ୍‌ରେ ଅଟଳ ରହିଥିଲେ । ଏହାକୁ ନେଇ ପୋଲିସ ଓ ଗ୍ରାମବାସୀଙ୍କ ମଧ୍ୟରେ ବଚସା ହେବା ସହ ଧସ୍ତାଧସ୍ତି ହୋଇଥିଲା । ପରେ ଗ୍ରାମବାସୀ କମ୍ପାନୀର କିଛି ସ୍ଥାନରେ ଭଙ୍ଗାରୁଜା କରିଥିଲେ। ଫଳରେ ପୋଲିସକୁ ଲାଠିଚାଳନା କରିବାକୁ ପଡିଥିଲା। ଯଦ୍ୱାରା ଗ୍ରାମର ଅନେକ ଛୋଟ ପିଲା, ବୃଦ୍ଧବୃଦ୍ଧା ଆକ୍ରମଣ ହୋଇଛନ୍ତି। ଜଣେ ଶିଶୁଙ୍କର ହାତ ଭାଙ୍ଗି ଯାଇଥିବା ବେଳେ କେତେ ଜଣଙ୍କ ଶରୀରରେ ମାଡ଼ ଚିହ୍ନ ରହିଛି । ପୋଲିସ ଗ୍ରାମର ପ୍ରାୟ ୧୪ ଜଣଙ୍କୁ ଗିରଫ କରିଛି। ଏଥିରେ କେତେକ ସିକ୍ୟୁରିଟି ଗାର୍ଡ ମଧ ଆହତ ହୋଇଛନ୍ତି।